# ଆର୍ଥିକ ସଚେତନତା ବାର୍ତ୍ତା

## ଏଫ୍ଆଇଡ଼ିଡ଼ି, କେନ୍ଦ୍ରୀୟ କାର୍ଯ୍ୟାଳୟ




ଆର୍ଥିକ ଅନ୍ତର୍ଭୁକ୍ତିକରଣ ଓ ବିକାଶ ବିଭାଗ, ଭାରତୀୟ ରିଜର୍ଭ ବ୍ୟାଙ୍କ୍

## ଅସ୍ୱୀକରଣ

ପାଠକଙ୍କୁ ଆର୍ଥିକ ଦୃଷ୍ଟିରୁ ସାକ୍ଷର କରିବାର ଗମ୍ଭୀର ଉଦ୍ଦେଶ୍ୟ ନେଇ ଏହି ପୁସ୍ତକକୁ ପଠନ ଓ ଶିକ୍ଷଣ ସାମଗ୍ରୀ ଭାବରେ ଉପସ୍ଥାପିତ କରାଯାଇଛି। କୌଣସି ନିର୍ଦ୍ଦିଷ୍ଟ ଆର୍ଥିକ ଉତ୍ପାଦ/ଗୁଡ଼ିକ କିମ୍ବା ସେବା/ଗୁଡ଼ିକ ସମ୍ପର୍କରେ ନିଷ୍ପତ୍ତି ନେବାରେ ପାଠକଙ୍କୁ ପ୍ରଭାବିତ କରିବା ଉଦ୍ଦେଶ୍ୟରେ ଏହା ଉଦ୍ଦିଷ୍ଟ ନୁହେଁ।

## ସ୍ୱତ୍ୱାଧିକାର

ଉତ୍ସର ପ୍ରାପ୍ତିସ୍ୱୀକାର ପୁନରୁତ୍ପାଦନକୁ ଅନୁମତି ଦେଇଥାଏ

ଚତୁର୍ଥ ସଂସ୍କରଣ – ଫେବୃଆରୀ ୨୦୨୪

ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ମୁଦ୍ରିତ

**ଭାରତୀୟ ରିଜର୍ଭ ବ୍ୟାଙ୍କ୍**
ଭାରତର କେନ୍ଦ୍ରୀୟ ବ୍ୟାଙ୍କ୍

**ଆର୍ଥିକ ଅନ୍ତର୍ଭୁକ୍ତିକରଣ ଓ ବିକାଶ ବିଭାଗ**
ଦଶମ ମହଲା, ଶହୀଦ୍ ଭଗତ ସିଂ ମାର୍ଗ
ଫୋର୍ଟ, ମୁମ୍ବାଇ–400 001

**କୃତଜ୍ଞତା**
ପରିକଳ୍ପନା: କୌଶିକ ରାମଚନ୍ଦ୍ରନ୍

# ମୁଖବନ୍ଧ

## ଆର୍ଥିକ ସାକ୍ଷରତା

ଆର୍ଥିକ ସାକ୍ଷରତାକୁ ଭଲ ଆର୍ଥିକ ନିଷ୍ପତ୍ତି ନେବା ଏବଂ ଶେଷରେ ବ୍ୟକ୍ତିଗତ ଆର୍ଥିକ କଲ୍ୟାଣ ହାସଲ କରିବା ପାଇଁ ଆବଶ୍ୟକ ହେଉଥିବା ଆର୍ଥିକ ସଚେତନତା, ଜ୍ଞାନ, ଦକ୍ଷତା, ମନୋଭାବ ଏବଂ ଆଚରଣର ମିଶ୍ରଣ ଭାବରେ ବ୍ୟାଖ୍ୟା କରାଯାଏ।

## ଆର୍ଥିକ ସାକ୍ଷରତାର ଉପାଦାନଗୁଡ଼ିକ

ଆର୍ଥିକ ସାକ୍ଷରତା ରେ ଅର୍ଥ ପରିଚାଳନା, ଉଭୟ ସ୍ୱଳ୍ପମିଆଦୀ ଏବଂ ଦୀର୍ଘମିଆଦୀ ଆର୍ଥିକ ଉଦ୍ଦେଶ୍ୟ ପାଇଁ ଯୋଜନା କରିବା ଏବଂ ଆର୍ଥିକ ଉତ୍ପାଦ ବିଷୟରେ ସଚେତନ ହେବା ଏବଂ ଅବଗତ ଚୟନ କରିବା ସମେତ ବିଭିନ୍ନ ଦିଗ ସହିତ ଜଡ଼ିତ ଜ୍ଞାନ, ମନୋଭାବ ଏବଂ ଆଚରଣକୁ ବୁଝିବା ଏବଂ ପ୍ରୟୋଗ କରିବା ଅନ୍ତର୍ଭୁକ୍ତ।

| ଆର୍ଥିକ ଜ୍ଞାନ | ଆର୍ଥିକ ଆଚରଣ | ଆର୍ଥିକ ମନୋଭାବ |
|---|---|---|
| **ଆର୍ଥିକ ଜ୍ଞାନରେ** ଅତ୍ୟାବଶ୍ୟକ ଆର୍ଥିକ ଧାରଣାକୁ ବୁଝିବା ଏବଂ ବାସ୍ତବ ଜୀବନ ର ଆର୍ଥିକ ପରିସ୍ଥିତିରେ ସେମାନଙ୍କର ବ୍ୟବହାରିକ ଲାଭର ଆକଳନ କରିବାର କ୍ଷମତା ଅନ୍ତର୍ଭୁକ୍ତ । ଆର୍ଥିକ ଜ୍ଞାନର ପ୍ରମୁଖ ସୂଚକଗୁଡ଼ିକ ମଧ୍ୟରେ ସରଳ ସୁଧ, ଚକ୍ରବର୍ତ୍ତୀ ସୁଧ, ଅର୍ଥର ସମୟ ମୂଲ୍ୟ, ମୁଦ୍ରାସ୍ଫୀତି, ବିବିଧତା, ବିଭାଜନ, ରିସ୍କ-ରିଟର୍ଣ୍ଣ ଏବଂ ଋଣ ଉପରେ ପ୍ରଦାନ କରାଯାଇଥିବା ସୁଧକୁ ବୁଝିବା ଭଳି ଧାରଣାଗୁଡ଼ିକୁ ବୁଝିବା ଜଣେ ବ୍ୟକ୍ତିର ଆର୍ଥିକ ଜ୍ଞାନର ମୂଲ୍ୟାଙ୍କନ କରିବାରେ ସୂଚନା କରନ୍ତି। | **ଆର୍ଥିକ ଆଚରଣ** ଦୈନନ୍ଦିନ ଅର୍ଥ ପରିଚାଳନା, ଆର୍ଥିକ ଯୋଜନା, ବ୍ୟୟ, ସଞ୍ଚୟ, ନିବେଶ, ଦୈନନ୍ଦିନ ଆବଶ୍ୟକତା ପାଇଁ ଋଣ ଉପରେ ନିର୍ଭରଶୀଳତା ଏବଂ ଭବିଷ୍ୟତର କଲ୍ୟାଣ ପାଇଁ ଏକ ନିରାପତ୍ତା ଜାଲ ପ୍ରତିଷ୍ଠା କୁ ଆର୍ଥିକ ଆଚରଣ ଅନ୍ତର୍ଭୁକ୍ତ କରେ। | **ଆର୍ଥିକ ମନୋଭାବକୁ** ସଞ୍ଚୟ ପ୍ରତି ଲୋକଙ୍କ ପ୍ରତିକ୍ରିୟା, ଦୀର୍ଘମିଆଦୀ ନିରାପତ୍ତା ଉପରେ ସ୍ୱଳ୍ପକାଳୀନ ଇଚ୍ଛାକୁ ପ୍ରାଥମିକତା ଦେବା, ବିପଦ ପ୍ରତି ସେମାନଙ୍କର ପ୍ରବୃତ୍ତି ଏବଂ ଭବିଷ୍ୟତର କଲ୍ୟାଣ ପାଇଁ ପ୍ରାସଙ୍ଗିକ ଅନ୍ୟାନ୍ୟ ଦିଗକୁ ପ୍ରଭାବିତ କରୁଥିବା କାରଣ ଭାବରେ ବିବେଚନା କରାଯାଇପାରେ। |

# ମୁଖବନ୍ଧ

ଆର୍ଥିକ ଶିକ୍ଷା ଉପରେ ଜାତୀୟ ରଣନୀତି (ଏନ୍‌ଏସ୍‌ଏଫ୍‌ଇ) 2020-2025 ର ଲକ୍ଷ୍ୟ ଭାରତ ସରକାର ଏବଂ ଆର୍ଥିକ କ୍ଷେତ୍ର ନିୟାମକଙ୍କ ଦୃଷ୍ଟିକୋଣ ସହିତ ସମନ୍ୱିତ ହେବା, ପ୍ରଭାବଶାଳୀ ଅର୍ଥ ପରିଚାଳନା ଏବଂ ଭବିଷ୍ୟତ ଯୋଜନା ପାଇଁ ଆବଶ୍ୟକ ଜ୍ଞାନ, ଦକ୍ଷତା, ମନୋଭାବ ଏବଂ ଆଚରଣକୁ ପ୍ରୋତ୍ସାହିତ କରି ଜନସଂଖ୍ୟାର ବିଭିନ୍ନ ବର୍ଗକୁ ସଶକ୍ତ କରିବା ଏହାର ଲକ୍ଷ୍ୟ। ଏହି ରଣନୀତି ରେ ସମସ୍ତ ଭାରତୀୟଙ୍କ ଆର୍ଥିକ କଲ୍ୟାଣ ହାସଲ କରିବା ପାଇଁ ଏକ ବହୁ-ଅଂଶୀଦାର ଆଭିମୁଖ୍ୟ ପାଇଁ ପରାମର୍ଶ ଦିଆଯାଇଛି । ଏଥିରେ ଏକ **'5 ସି' ଆଭିମୁଖ୍ୟ** ପ୍ରସ୍ତାବ ଦିଆଯାଇଛି, ଯେଉଁଥିରେ ପ୍ରାସଙ୍ଗିକ **ବିଷୟବସ୍ତୁ** (ବିଦ୍ୟାଳୟ, ମହାବିଦ୍ୟାଳୟ ଏବଂ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ପାଠ୍ୟକ୍ରମ ସମେତ), ଆର୍ଥିକ ସେବା ପ୍ରଦାନ କରିବାରେ ମଧ୍ୟସ୍ଥିମାନଙ୍କ ମଧ୍ୟରେ **କ୍ଷମତା** ବୃଦ୍ଧି, ଉପଯୁକ୍ତ **ଯୋଗାଯୋଗ** ରଣନୀତି ମାଧ୍ୟମରେ ଆର୍ଥିକ ସାକ୍ଷରତା ପାଇଁ **ଗୋଷ୍ଠୀ** ନେତୃତ୍ୱାଧୀନ ମଡେଲର ସକାରାତ୍ମକ ପ୍ରଭାବର ଉପଯୋଗ କରିବା ଏବଂ ଶେଷରେ ବିଭିନ୍ନ ଅଂଶୀଦାରଙ୍କ ମଧ୍ୟରେ **ସହଯୋଗିତା**କୁ ପ୍ରୋତ୍ସାହିତ କରିବା ଉପରେ ଗୁରୁତ୍ୱ ଦିଆଯାଇଛି।



# ସୂଚୀପତ୍ର

## ମୌଳିକ ବ୍ୟାଙ୍କିଂ


ବାର୍ତ୍ତା 1 – ବଜେଟ୍ ନିର୍ଦ୍ଧାରଣ ସଞ୍ଚୟ ଏବଂ ଦାୟିତ୍ୱ ସମ୍ପନ୍ନ ଋଣ ନେବା ....01
ବାର୍ତ୍ତା 2 – ଜମା ଖାତା ....04
ବାର୍ତ୍ତା 3 – କ୍ରେଡିଟ୍ ସ୍କୋର୍ ....05
ବାର୍ତ୍ତା 4 – ବ୍ୟାଙ୍କ୍ ଏବଂ ବ୍ୟବସାୟିକ ପ୍ରତିନିଧିବୃନ୍ଦଙ୍କର ନୂତନ ବର୍ଗସମୂହ ....07
ବାର୍ତ୍ତା 5 – ନିଷ୍କ୍ରିୟ ଖାତା ....09


## ଆର୍ଥିକ ଦକ୍ଷତା


ବାର୍ତ୍ତା 6 – ଋଣ ଉପରେ ସୁଧ ....12
ବାର୍ତ୍ତା 7 - ଚକ୍ରବୃଦ୍ଧି ....13
ବାର୍ତ୍ତା 8 – ମୁଦ୍ରାସ୍ଫୀତି ....15
ବାର୍ତ୍ତା 9 – ଅର୍ଥର ସମୟ ମୂଲ୍ୟ .... 16
ବାର୍ତ୍ତା 10 – ରିସ୍କ ବନାମ ରିଟର୍ଣ୍ଣ ....18
ବାର୍ତ୍ତା 11 – ବିବିଧତା ....20


## ଡିଜିଟାଲ୍ ଆର୍ଥିକ ସାକ୍ଷରତା


ବାର୍ତ୍ତା 12 – ରିଟେଲ୍ ରେମିଟାନ୍ସ (ଖୁଚୁରା ଅର୍ଥପ୍ରେରଣ) ....22
ବାର୍ତ୍ତା 13 – ୟୁନିଫାଏଡ୍ ପେମେଣ୍ଟ ଇଣ୍ଟରଫେସ୍ ....23
ବାର୍ତ୍ତା 14 – ଇଲେକଟ୍ରୋନିକ୍ ବ୍ୟାଙ୍କିଂ କାରବାର ପାଇଁ କ'ଣ କରିବେ ଓ କ'ଣ କରିବେ ନାହିଁ ....25
ବାର୍ତ୍ତା 15 – ଏଟିଏମ୍ କାରବାର ପାଇଁ କ'ଣ କରିବେ ଓ କ'ଣ କରିବେ ନାହିଁ ....26
ବାର୍ତ୍ତା 16 – ଜାଲିଆତି (ଡିଜିଟାଲ୍) କାରବାର ହେଲେ ଗ୍ରାହକ ଉତ୍ତରଦାୟିତା ....28


## ଉପଭୋକ୍ତା ସୁରକ୍ଷା


ବାର୍ତ୍ତା 17 – ଭୁଲ ଉପାୟରେ ବିକ୍ରୟ .... 31
ବାର୍ତ୍ତା 18 – ସଚେତ୍ ପୋର୍ଟାଲ୍ ....32
ବାର୍ତ୍ତା 19 – ଏତେ ଭଲ ଯେ ବିଶ୍ୱାସ କରିବା କଷ୍ଟକର ....33
ବାର୍ତ୍ତା 20 - ଜମା ବୀମା ....35
ବାର୍ତ୍ତା 21 – ଅଭିଯୋଗ ସମାଧାନ ପ୍ରଣାଳୀ ....38
ବାର୍ତ୍ତା 22 – ଆରବିଆଇ ର ଅଭିଯୋଗ ପରିଚାଳନା ବ୍ୟବସ୍ଥା (ସିଏମ୍ଏସ୍) ....40
ବାର୍ତ୍ତା 23 – ବିପତ୍ତିରୁ ମୁକ୍ତି ....42


## ମୂଲ୍ୟବାନ ଶିକ୍ଷଣୀୟ ତଥ୍ୟ


ବାର୍ତ୍ତା 24 - ଆକାଉଣ୍ଟ ଏଗ୍ରୀଗେଟର୍ (ଏଏ) ....45
ବାର୍ତ୍ତା 25 – ଡିଜିଟାଲ୍ ଲେଣ୍ଡିଂ ଆପ୍ସ ....46
ବାର୍ତ୍ତା 26 – MANI ଆପ୍ - ଦୃଷ୍ଟିହୀନ ବ୍ୟକ୍ତିଙ୍କୁ ସମର୍ଥ କରାଇବା ....48
ବାର୍ତ୍ତା 27 – ମଇଳା/ଚିରାଫଟା/ତ୍ରୁଟିଯୁକ୍ତ ନୋଟ୍ ର ବିନିମୟ ....49
ବାର୍ତ୍ତା 28 – ମୁଦ୍ରାଗୁଡ଼ିକ ବିଷୟରେ ବିଭ୍ରାନ୍ତିକର ସୂଚନା ଦୂର କରନ୍ତୁ ....50
ବାର୍ତ୍ତା 29 – ଡିଜିଟାଲ୍ ଟଙ୍କା ....51
ବାର୍ତ୍ତା 30 – UDGAM ପୋର୍ଟାଲ୍ ....52

ଆର୍ଥିକ ସଚେତନତା ବାର୍ତ୍ତା

# ମୌଳିକ ବ୍ୟାଙ୍କିଂ




ଆର୍ଥିକ ଅନ୍ତର୍ଭୁକ୍ତିକରଣ ଓ ବିକାଶ ବିଭାଗ, ଭାରତୀୟ ରିଜର୍ଭ ବ୍ୟାଙ୍କ୍

ବାର୍ତ୍ତା 1

# ବଜେଟ୍ ନିର୍ଦ୍ଧାରଣ, ସଞ୍ଚୟ, ଏବଂ ଦାୟିତ୍ୱସମ୍ପନ୍ନ ଋଣ ନେବା

## ବଜେଟ୍ ନିର୍ଦ୍ଧାରଣ



### ବଜେଟ୍ କ'ଣ?

ସରଳ ଭାବରେ କହିଲେ, ଏହା ଆପଣଙ୍କର **ଭବିଷ୍ୟତ** ଆୟ ଓ ବ୍ୟୟର ଏକ ଯୋଜନା। ବଜେଟଗୁଡିକ ବାର୍ଷିକ, ମାସିକ କିମ୍ବା ଏପରିକି ସାପ୍ତାହିକ ମଧ୍ୟ ହୋଇପାରେ।

### କାହିଁକି ବଜେଟ୍ ପ୍ରସ୍ତୁତ କରିବେ?

ବଜେଟ୍ ରହିବା ଦ୍ୱାରା ଆପଣ ନିଜର ଖର୍ଚ୍ଚ ଉପରେ ଉତ୍ତମ ନିୟନ୍ତ୍ରଣ ରଖିପାରିବେ ଏବଂ ଆପଣଙ୍କ ସଞ୍ଚୟ ବୃଦ୍ଧି କରିବାରେ ସକ୍ଷମ ହୋଇପାରିବେ। ବାସ୍ତବ ବ୍ୟୟ ସହିତ ବଜେଟକୁ ତୁଳନା କରି, ଆପଣ ଯେଉଁ କ୍ଷେତ୍ରରେ ଅଧିକ (କିମ୍ବା କମ୍) ଖର୍ଚ୍ଚ କରିଛନ୍ତି ତାହା ଚିହ୍ନଟ କରିପାରିବେ।

ଆପଣଙ୍କର ଆର୍ଥିକ ଯୋଜନା କରିବାରେ ସାହାଯ୍ୟ କରିବା ହେଉଛି ବଜେଟ୍ ର ପ୍ରକୃତ ଲକ୍ଷ୍ୟ

# ସଞ୍ଚୟ



## ସଞ୍ଚୟ କ'ଣ?

ସଞ୍ଚୟକୁ ଏହି ପ୍ରକାରରେ ଦେଖିବା ଏକ ଭଲ ଦୃଷ୍ଟିକୋଣ ହେବ :

ସଞ୍ଚୟ = ଆୟ – ବ୍ୟୟ ✗

ବ୍ୟୟ = ଆୟ – ସଞ୍ଚୟ ✓

ଆପଣ କିଛି ବି ଖର୍ଚ୍ଚ କରିବା ପୂର୍ବରୁ ଆପଣ ନିଜ ଆୟର ଗୋଟିଏ ଭାଗକୁ ଅଲଗା କରି ରଖିବା ଉଚିତ।

## କେଉଁଠାରେ ସଞ୍ଚୟ କରିବେ?

ସଞ୍ଚୟ କରିବା ସମୟରେ ତିନୋଟି ଗୁରୁତ୍ୱପୂର୍ଣ୍ଣ କଥା ମନେ ରଖିବା ଉଚିତ ତାହା ହେଉଛି **ସୁରକ୍ଷିତ, ଚଳନତା** ଏବଂ **ରିଟର୍ଣ୍ଣ।**

କୌଣସି ନିର୍ଦ୍ଦିଷ୍ଟ ସମ୍ପତ୍ତିରୁ ଆପଣଙ୍କର ମୂଳ ରାଶି କିମ୍ବା ନିବେଶର ରିଟର୍ଣ୍ଣ କେତେ ନିଶ୍ଚିତ/ ଗ୍ୟାରେଣ୍ଟି ଯୁକ୍ତ **ସୁରକ୍ଷିତ** ତାହା ଉପରେ ନିର୍ଭର କରିବ। ସରକାରୀ ବଣ୍ଡ ସବୁଠାରୁ ସୁରକ୍ଷିତ। ବ୍ୟାଙ୍କ୍ ସ୍ଥାୟୀ ଜମାକୁ ମଧ୍ୟ ତୁଳନାତ୍ମକ ଭାବେ ସୁରକ୍ଷିତ ବୋଲି ବିବେଚନା କରାଯାଏ। ମୂଲ୍ୟରେ ସର୍ବନିମ୍ନ କ୍ଷତି ସହ ସମ୍ପତ୍ତି ବିକ୍ରି କରିବା କେତେ ସହଜ ତାହା ଉପରେ **ଚଳନତା** ନିର୍ଭର କରିବ। ବ୍ୟାଙ୍କ ଜମା, ସାର୍ବଜନୀନ କାରବାର ହେଉଥିବା ଇକ୍ୱିଟି ସେୟାର୍ ଏବଂ ମ୍ୟୁଚୁଆଲ ଫଣ୍ଡକୁ ସାଧାରଣତଃ ତୁଳନାରେ ଅଧିକ ଚଳ ସମ୍ପତ୍ତି ଭାବରେ ବିବେଚନା କରାଯାଏ।

**ରିଟର୍ଣ୍ଣ** ଆର୍ଥିକ ଉତ୍ପାଦର ପ୍ରକାର ଏବଂ ଉତ୍ପାଦ ସହିତ ଜଡ଼ିତ ରିସ୍କ ଉପରେ ନିର୍ଭର କରିବ।

ଇକ୍ୱିଟି ସେୟାର ଆପଣଙ୍କୁ ଅଧିକ ରିଟର୍ଣ୍ଣ ଦେଇପାରେ, କିନ୍ତୁ କ୍ଷତିର ଆଶଙ୍କା ଅଧିକ ହୋଇପାରେ।

**ସଞ୍ଚୟ କରିବା ସମୟରେ ଧ୍ୟାନ ଦେବା ପାଇଁ କେତେଗୁଡ଼ିଏ କଥା**

- ସୁନିଶ୍ଚିତ କରନ୍ତୁ ଯେ ଆପଣଙ୍କ ସଞ୍ଚୟ ବିବିଧ ଉପକରଣରେ ବିନିଯୋଗ ହୋଇଛି (ପୃଷ୍ଠା 11 ରେ ବିବିଧତା ଉପରେ ଥିବା ବାର୍ତ୍ତା 20 ଦେଖନ୍ତୁ)
- କିଛି ଅଂଶ ଚଳ ସମ୍ପତ୍ତିରେ ରହିବା ଉଚିତ ଯାହା ଦ୍ୱାରା ଆପଣ ଆବଶ୍ୟକ ସ୍ଥଳେ ଟଙ୍କା ଉଠାଇପାରିବେ
- ଅତ୍ୟଧିକ ବିପଦପୂର୍ଣ୍ଣ/ ଅନିୟନ୍ତ୍ରିତ ଉପକରଣରେ ନିଜର ଟଙ୍କା ବିନିଯୋଗ କରନ୍ତୁ ନାହିଁ, ଆପଣ ଆପଣଙ୍କର ସମସ୍ତ ଟଙ୍କା ହରାଇପାରନ୍ତି!!!

# ଦାୟିତ୍ୱ ସମ୍ପନ୍ନ ଋଣ ନେବା

ଜଣେ ବ୍ୟକ୍ତି ମୂଲ୍ୟ ସୃଷ୍ଟି କରୁଥିବା କିମ୍ବା ରିଟର୍ଣ୍ଣ ଉତ୍ପାଦନ କରୁଥିବା ସମ୍ପତ୍ତିରେ ନିବେଶ ପାଇଁ ଋଣ ନେବା ଉଚିତ। ଭଲ ଋଣ ନେବାର ଉଦାହରଣ ମଧ୍ୟରେ ଘର କିଣିବା ପାଇଁ ବନ୍ଧକ ଋଣ ହାସଲ କରିବା କିମ୍ବା ପିଲାଙ୍କ ଉଚ୍ଚ ଶିକ୍ଷା ନିମନ୍ତେ ପାଣ୍ଠି ଯୋଗାଇବା ପାଇଁ ଶିକ୍ଷା ଋଣ ଇତ୍ୟାଦି ଅନ୍ତର୍ଭୁକ୍ତ।



ସମ୍ପତ୍ତିରେ ନିବେଶ କରିବା ✓



ଶିକ୍ଷା ପାଇଁ ପାଣ୍ଠି ଯୋଗାଇବା ✓



ବ୍ୟକ୍ତିଗତ ବ୍ୟୟ ପାଇଁ ✗



ଖର୍ଚ୍ଚଗୁଡ଼ିକୁ ପାଣ୍ଠି ଯୋଗାଣ ନିମନ୍ତେ ଦାୟିତ୍ୱହୀନ ଭାବରେ କ୍ରେଡିଟ୍ କାର୍ଡ ବ୍ୟବହାର କରିବା ✗

**କାହାଠାରୁ ଉଧାର ନେବେ?**

ନିୟନ୍ତ୍ରିତ ସଂସ୍ଥା ଯେପରିକି ବ୍ୟାଙ୍କ, ଏନ୍ ବି ଏଫ୍ ସି ଏବଂ ଏଚ୍ ଏଫ୍ ସି ରୁ ଋଣ ନେବା ଏକ ଭଲ ଅଭ୍ୟାସ, କାରଣ ଏହି ସଂସ୍ଥାଗୁଡ଼ିକର ଦେଖରେଖ ନିୟମିତ ଭାବେ କରାଯାଏ, ଏଗୁଡିକ ଅଧିକ ସ୍ୱଚ୍ଛ, ସାହୁକାରଙ୍କ ଭଳି ଅଧିକ ସୁଧ ଆଦାୟ କରନ୍ତି ନାହିଁ ଏବଂ ନିୟମ ଅଣ-ଅନୁପାଳନ କିମ୍ବା ସେବା ଅଭାବ କ୍ଷେତ୍ରରେ, ଉଭୟ ଆଭ୍ୟନ୍ତରୀଣ ଏବଂ ନିୟାମକ ସଂସ୍ଥା ସହିତ ଅଭିଯୋଗ ନିରାକରଣ ପାଇଁ ଏକ ବିନା ମୂଲ୍ୟ ଅଭିଯୋଗ ସମାଧାନ ବ୍ୟବସ୍ଥା ପ୍ରତିଷ୍ଠିତ ଥାଏ।

**ଋଣ ସୁବିଧା ଚାହୁଁଥିବା ବେଳେ ସମ୍ଭାବ୍ୟ ଠକେଇରୁ ସତର୍କ ରୁହନ୍ତୁ**

ଋଣ ପାଇବାରେ ସହାୟତା ପାଇଁ ଶୁଳ୍କ ଆଦାୟ କରୁଥିବା ଏଜେଣ୍ଟମାନଙ୍କ ଠାରୁ ସାବଧାନ ରୁହନ୍ତୁ। ବ୍ୟାଙ୍କ/ଏନ୍ ବି ଏଫ୍ ସି/ଏଚ୍ ଏଫ୍ ସି କିମ୍ବା ବ୍ୟବସାୟିକ ପ୍ରତିନିଧି (ବିସି)ଙ୍କ ସହ ସିଧାସଳଖ ଯୋଗାଯୋଗ କରନ୍ତୁ।

ଏକ ସମୟରେ ଯେଉଁଠାରେ ଡିଜିଟାଲ ଲେଣ୍ଡିଂ ଆପ୍ସ ଗୁଡ଼ିକ ଶୀଘ୍ର ଓ ସହଜରେ ଉପଲବ୍ଧ ପାଣ୍ଠିର ପ୍ରତିଶ୍ରୁତି ଦିଅନ୍ତି, ଗ୍ରାହକମାନେ ଦାୟିତ୍ୱସମ୍ପନ୍ନ ଋଣ ନେବା ଆଚରଣ ଗ୍ରହଣ କରିବା ଅତ୍ୟନ୍ତ ଜରୁରୀ। ଜଣେ ନିଜର ଆର୍ଥିକ ଆବଶ୍ୟକତାକୁ ବୁଝିବା ଦରକାର, ପରିଶୋଧ କ୍ଷମତାର ଆକଳନ କରିବା ଏବଂ ଉଚ୍ଚ ସୁଧ ହାର ଓ ଲୁଚି ରହିଥିବା ଖର୍ଚ୍ଚର କ୍ଷତିରୁ ନିଜକୁ ରକ୍ଷା କରିବା ପାଇଁ ଏକ ବୈଧ ଋଣ ବିକଳ୍ପର ଚୟନ କରିବା ଦରକାର।

# ବାର୍ତ୍ତା 2 { ଜମା ଖାତା }

## ନିଷ୍କ୍ରିୟ ବନାମ ସକ୍ରିୟ ସଞ୍ଚୟ

ନିୟମିତ ସଞ୍ଚୟ ବ୍ୟାଙ୍କ୍ ଖାତାରେ ଥିବା ଟଙ୍କାରେ ମିଳୁଥିବା ସୁଧ ହାର ବହୁତ କମ୍ ହୋଇଥାଏ, ତେଣୁ ଏହାକୁ ନିଷ୍କ୍ରିୟ ସଞ୍ଚୟ ବୋଲି କୁହାଯାଇପାରିବ।



ଏହା ବଦଳରେ, ବ୍ୟାଙ୍କ୍ ର ଆବର୍ତ୍ତି/ସ୍ଥାୟୀ ଜମାରେ ନିବେଶ କରିଲେ ଅଧିକ ଲାଭ ମିଳିଥାଏ।

*ଅନ୍ୟାନ୍ୟ ଭଲ ଅଭ୍ୟାସଗୁଡ଼ିକ:*

- ନିୟମିତ ଭାବେ ପାସ୍ ବୁକ୍ କିମ୍ବା ଖାତା ବିବରଣୀରେ ଥିବା ଏଣ୍ଟ୍ରିଗୁଡ଼ିକର ସମୀକ୍ଷା କରନ୍ତୁ।
- ଚେକ୍ ବୁକ୍ (ଯଦି ପ୍ରାପ୍ତ ହୁଏ) କୁ ସୁରକ୍ଷିତ ଭାବରେ ସଂରକ୍ଷିତ ରଖନ୍ତୁ।
- ଇଣ୍ଟରନେଟ୍ ବ୍ୟାଙ୍କିଂ (ଆଇଡି ଏବଂ ପାସୱାର୍ଡ) କାହାରିକୁ ଜଣାନ୍ତୁ ନାହିଁ।
- ଡେବିଟ୍ କାର୍ଡ (ଯଦି ପାଇଛନ୍ତି) ପିନ୍ କୁ ଗୋପନୀୟ ରଖନ୍ତୁ ଏବଂ କାହାକୁ ଜଣାନ୍ତୁ ନାହିଁ।
- ଅନ୍ ଲାଇନ୍ ନେଣଦେଣ ପାଇଁ ମିଳିଥିବା ୱାନ୍ ଟାଇମ୍ ପାସୱାର୍ଡଗୁଡ଼ିକ (ଓଟିପିଗୁଡ଼ିକ) କାହା ସହ ଅଂଶୀଦାର କରିବାରୁ ଦୂରେଇ ରୁହନ୍ତୁ।

### ମନୋନୟନ କ'ଣ ଏବଂ କାହିଁକି ମନୋନୀତ କରିବା?

ଜଣେ ମନୋନୀତ ବ୍ୟକ୍ତି ହେଉଛନ୍ତି ସେହି ବ୍ୟକ୍ତି ଯିଏ କି ଏକକ ଖାତା କ୍ଷେତ୍ରରେ ଜମାକାରୀଙ୍କ ମୃତ୍ୟୁ ପରେ ଏବଂ ଯୁଗ୍ମ ଖାତା କ୍ଷେତ୍ରରେ ସମସ୍ତ ଜମାକାରୀଙ୍କ ମୃତ୍ୟୁ ପରେ  ବ୍ୟାଙ୍କ ଖାତା (ମୃତ ଜମାକାରୀଙ୍କ ଆଇନଗତ ଉତ୍ତରାଧିକାରୀ/ବୃନ୍ଦଙ୍କ ପାଇଁ ଟ୍ରଷ୍ଟି ଭାବରେ କାର୍ଯ୍ୟ କରିବା)ରେ ଥିବା ପାଣ୍ଠି ଗ୍ରହଣ କରିବାକୁ ଅଧିକାରପ୍ରାପ୍ତ ହୋଇଥାନ୍ତି। ମନୋନୟନ ଦାବିର ଶୀଘ୍ର ସମାଧାନ କରିବାରେ ସହାୟକ ହୋଇଥାଏ, ବଞ୍ଚିଥିବା ପରିବାର ସଦସ୍ୟଙ୍କ ପାଇଁ ଅସୁବିଧା ଦୂର କରିଥାଏ।

> *"ସର୍ବଦା ଯେତେବେଳେ ଆପଣ ଏକ ବ୍ୟାଙ୍କ୍ ଜମା ଖାତା ଖୋଲୁଛନ୍ତି ସେତେବେଳେ ଆପଣ ମନୋନୟନ ଫର୍ମ ପୂରଣ କରନ୍ତୁ। ଆବଶ୍ୟକ ସ୍ଥଳେ, ଆପଣଙ୍କର ମନୋନୟନର ବିଶଦ ବିବରଣୀ କୁ ଅଦ୍ୟତନ କରିବାକୁ ବ୍ୟାଙ୍କ୍ କୁ କୁହନ୍ତୁ, ଏବଂ ଏକ ପ୍ରାପ୍ତିସ୍ୱୀକାର ପ୍ରାପ୍ତ କରନ୍ତୁ।"*

### ଅପରିପକ୍ୱ ଉଠାଣ

ସାଧାରଣତଃ ସ୍ଥାୟୀ ଜମାଗୁଡ଼ିକ ଏକ ବିଶେଷ/ନିର୍ଦ୍ଦିଷ୍ଟ ସମୟାବଧି ପାଇଁ ହୋଇଥାଏ। ଯଦି ଆପଣ ଅବଧି ସରିବା ପୂର୍ବରୁ ରାଶି ଉଠାଣ କରିବାକୁ ଚାହିଁବେ, ତେବେ ବ୍ୟାଙ୍କ୍ ଅପରିପକ୍ୱ ଉଠାଣ ପାଇଁ ଜରିମାନା ଲଗାଇବ।

> *"ଏକ ନୀରବଚ୍ଛିନ୍ନ ଏବଂ ଅସୁବିଧାମୁକ୍ତ ଦାବିର ସମାଧାନ ପାଇଁ, ସର୍ବଦା ମିଆଦୀ ଜମାର କାର୍ଯ୍ୟକାଳ (ଯୁଗ୍ମ ଖାତାଧାରୀଙ୍କ ସହିତ) ମଧ୍ୟରେ ଯେକୌଣସି ମୁହୂର୍ତ୍ତରେ ଅପରିପକ୍ୱ ଉଠାଣ ଅନୁମତି ପାଇଁ ବିକଳ୍ପ ଚୟନ କରନ୍ତୁ।"*

ଜମାକାରୀଙ୍କ ମୃତ୍ୟୁ ହେଲେ ଅପରିପକ୍ୱ ଉଠାଣ ପାଇଁ କୌଣସି ଜରିମାନା ଲାଗିବ ନାହିଁ।



## ବାର୍ତ୍ତା 3 { କ୍ରେଡିଟ୍ ସ୍କୋର୍ }

### ବାସ୍ତବରେ କ୍ରେଡିଟ୍ ସ୍କୋର୍ କ'ଣ?

- କ୍ରେଡିଟ୍ ସ୍କୋର୍ (ଏକ ତିନି ଅଙ୍କ ବିଶିଷ୍ଟ ସଂଖ୍ୟା) ଜଣେ ଉଧାରକର୍ତ୍ତାଙ୍କ ଉଧାରଯୋଗ୍ୟତାକୁ ସୂଚାଇଥାଏ ଏବଂ ସ୍ୱଭାବଗତ ଭାବରେ ତାଙ୍କର ଉଧାର ନେବାର ଇତିହାସ ଏବଂ ଅନ୍ୟାନ୍ୟ କାରକଗୁଡ଼ିକ ଉପରେ ପର୍ଯ୍ୟବେସିତ।




- ଏକ କ୍ରେଡିଟ୍ ସୂଚନା କମ୍ପାନୀ ଦ୍ୱାରା ଜାରୀ କରାଯାଇଥିବା କ୍ରେଡିଟ୍ ସୂଚନା ରିପୋର୍ଟ ସହିତ ଏହା ପ୍ରଦାନ କରାଯାଏ।

- ବ୍ୟାଙ୍କ୍/ଅର୍ଥଲଗାଣକାରୀ ଅନୁଷ୍ଠାନରୁ ନେଇଥିବା ଋଣ କୁ ଉଧାରକର୍ତ୍ତା ସର୍ବଦା ଠିକ୍ ସମୟରେ ପରିଶୋଧ କରିଥିଲେ କ୍ରେଡିଟ୍ ସ୍କୋର୍ ଅଧିକ ରହିବ।

ସ୍କୋର୍ ଯେତେ ଅଧିକ ହେବ, ଉଧାରଯୋଗ୍ୟତା ସେତେ ଅଧିକ ହେବ, ଏବଂ ଉଧାରକର୍ତ୍ତାଙ୍କୁ ଅଧିକ ଦାୟିତ୍ୱବାନ ବୋଲି ବିବେଚନା କରାଯାଏ

### କ୍ରେଡିଟ୍ ସ୍କୋର୍ କାହିଁକି ଗୁରୁତ୍ୱପୂର୍ଣ୍ଣ?

- ବ୍ୟାଙ୍କ୍/ ଅର୍ଥଲଗାଣକାରୀ ଅନୁଷ୍ଠାନଗୁଡିକ ଆପଣଙ୍କ ଋଣ ମଞ୍ଜୁର କରିବା ସମୟରେ ଅନ୍ୟାନ୍ୟ କାରକ ସହିତ ଆପଣଙ୍କ କ୍ରେଡିଟ୍ ସ୍କୋର୍ ଏବଂ କ୍ରେଡିଟ୍ ଇତିହାସକୁ ନିର୍ଦ୍ଧାରଣ/ଯାଞ୍ଚ୍ କରନ୍ତି।
- ଅନ୍ୟାନ୍ୟ ସମସ୍ତ କାରଣ ସମାନ ରହୁଥିବା ବେଳେ, ଅଧିକ କ୍ରେଡିଟ୍ ସ୍କୋର୍ ଥିବା ଉଧାରକର୍ତ୍ତାମାନେ ସାଧାରଣତଃ କମ୍ ସୁଧହାରରେ ଋଣ ନେବାର ସୁଯୋଗ ପାଇଥାନ୍ତି।

**ବ୍ୟକ୍ତିବିଶେଷମାନଙ୍କୁ ମିଳୁଥିବା ମାଗଣା ବାର୍ଷିକ କ୍ରେଡିଟ୍ ରିପୋର୍ଟ:** ବ୍ୟକ୍ତିବିଶେଷମାନେ ବର୍ଷକୁ ଥରେ ମାଗଣାରେ ନିଜର କ୍ରେଡିଟ୍ ସ୍କୋର୍ ସମେତ ସେମାନଙ୍କର ମାଗଣା ସମ୍ପୂର୍ଣ୍ଣ କ୍ରେଡିଟ୍ ରିପୋର୍ଟ (ଏଫ୍ ଏଫ୍ ସି ଆର୍) ପାଇପାରିବେ। ଏହି ଏଫ୍ ଏଫ୍ ସି ଆର୍ କିପରି ଆକସେସ୍ କରିବେ ସେ ବିଷୟରେ କ୍ରେଡିଟ୍ ସୂଚନା କମ୍ପାନୀଗୁଡ଼ିକ(ସିଆଇଏସଗୁଡିକ)ର ୱେବସାଇଟରେ ନିର୍ଦ୍ଦେଶନାମା ପ୍ରଦାନ କରାଯାଇଛି।

**କ୍ରେଡିଟ୍ ସୂଚନା ରିପୋର୍ଟ (ସିଆଇଆର୍)ରେ ତ୍ରୁଟି ସଂଶୋଧନ:** ସିଆଇଆର୍ ରେ କୌଣସି ତ୍ରୁଟି ଥିଲେ ଋଣଗ୍ରହିତା ସିଆଇସି/କ୍ରେଡିଟ୍ ଇନଷ୍ଟିଚ୍ୟୁସନ୍ (ବ୍ୟାଙ୍କ୍/ଏନ୍ ବି ଏଫ୍ ସି ଗୁଡ଼ିକ ଇତ୍ୟାଦି)କୁ ସେମାନଙ୍କ ସିଆଇଆର୍ କୁ ସୁଧାରିବା/ଅଦ୍ୟତନ କରିବାକୁ ଅନୁରୋଧ କରିପାରିବେ। ଯଦି ତିରିଶ ଦିନରୁ ଅଧିକ ସମୟ ପର୍ଯ୍ୟନ୍ତ ଅଭିଯୋଗର ସମାଧାନ କରାନଯାଏ କିମ୍ବା ଋଣଗ୍ରହିତା ଏହି ନିର୍ଣ୍ଣୟରେ ସନ୍ତୁଷ୍ଟ ନହୁଅନ୍ତି, ତେବେ ଅଭିଯୋଗକାରୀ https://cms.rbi.org.in ରେ ଅଭିଯୋଗ କରି ଆରବିଆଇ - ଲୋକପାଳଙ୍କ ଦ୍ୱାରସ୍ଥ ହୋଇପାରିବେ।



**ତେଣୁ ପ୍ରଶ୍ନ ହେଉଛି, ଆପଣ କିପରି ଆପଣଙ୍କର କ୍ରେଡିଟ୍ ସ୍କୋର୍ କୁ ବଢ଼ାଇ ପାରିବେ?**

- କେବଳ ଆପଣଙ୍କ କ୍ଷମତା ମଧ୍ୟରେ ଋଣ ନିଅନ୍ତୁ; ଅର୍ଥାତ୍, କେବଳ ସେତିକି ପରିମାଣରେ ନିଅନ୍ତୁ ଯେତିକି ଆପଣ ନିୟମିତ ଏବଂ ଠିକ୍ ସମୟରେ ପରିଶୋଧ କରିପାରିବେ।
- ଆପଣ କୌଣସି ପରିଶୋଧ କିସ୍ତି ହାତଛଡ଼ା କରିବେ ନାହିଁ ବୋଲି ସୁନିଶ୍ଚିତ କରନ୍ତୁ।
- ଯଦି ସମ୍ଭବ ତେବେ ଆଗତୁରା ଋଣ ପରିଶୋଧ କରନ୍ତୁ କାରଣ ଏହା ଏକ ଭଲ କ୍ରେଡିଟ୍ ଇତିହାସ ସୃଷ୍ଟି କରେ।

# ବାର୍ତ୍ତା 4 ବ୍ୟାଙ୍କ୍ ଏବଂ ବ୍ୟବସାୟିକ ପ୍ରତିନିଧିବୃନ୍ଦଙ୍କର ନୂତନ ବର୍ଗସମୂହ

ବିଗତ କିଛି ବର୍ଷ ମଧ୍ୟରେ, ପାରମ୍ପରିକ ବ୍ୟାଙ୍କ୍ ବ୍ୟତୀତ ପେମେଣ୍ଟ୍ ବ୍ୟାଙ୍କ୍ ଓ ସ୍ମଲ୍ ଫାଇନାନ୍ସ୍ ବ୍ୟାଙ୍କ୍ ଭଳି ଅନ୍ୟ କେତେକ ବର୍ଗର ପ୍ରତିଷ୍ଠା କରାଯାଇଛି। ଉଭୟ ପ୍ରକାର ବ୍ୟାଙ୍କ୍ ପ୍ରତିଷ୍ଠାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଏକ ସୁରକ୍ଷିତ, ପ୍ରଯୁକ୍ତି ଭିତ୍ତିକ ପରିବେଶ ମାଧ୍ୟମରେ ଅଧିକ ଆର୍ଥିକ ଅନ୍ତର୍ଭୁକ୍ତୀକରଣକୁ ପ୍ରୋତ୍ସାହିତ କରିବା।

## ପେମେଣ୍ଟସ୍ ବ୍ୟାଙ୍କ୍

- ଗ୍ରାହକ ପିଛା 2 ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦାବି ଜମା ଜନସାଧାରଣଙ୍କଠାରୁ ରଖିପାରିବେ, କିନ୍ତୁ ଆବର୍ତ୍ତି/ମିଆଦି ଜମା ଗ୍ରହଣ କରାଯାଇପାରିବ ନାହିଁ।
- ଏଟିଏମ୍/ ଡେବିଟ୍ କାର୍ଡ ଜାରି କରିପାରିବେ, କିନ୍ତୁ କ୍ରେଡିଟ୍ କାର୍ଡ ନୁହେଁ।
- କୌଣସି ଋଣ ଏବଂ ଅଗ୍ରୀମ ଦେଇପାରିବେ ନାହିଁ।




ସେମାନେ ବିଭିନ୍ନ ଚ୍ୟାନେଲ୍ ମାଧ୍ୟମରେ ଦେୟ ଏବଂ ଅର୍ଥପ୍ରେରଣ ସେବା ପ୍ରଦାନ କରିପାରିବେ ଏବଂ ମ୍ୟୁଚୁଆଲ୍ ଫଣ୍ଡ ଏବଂ ବୀମା ଉତ୍ପାଦ ବିତରଣ କରିପାରିବେ।

## ସ୍ମଲ୍ ଫାଇନାନ୍ସ୍ ବ୍ୟାଙ୍କ୍

ସ୍ମଲ୍ ଫାଇନାନ୍ସ୍ ବ୍ୟାଙ୍କଗୁଡ଼ିକ ମୁଖ୍ୟତଃ ଅଣସେବାପ୍ରାପ୍ତ ଏବଂ ଅଳ୍ପସେବାପ୍ରାପ୍ତ ଜନସାଧାରଣଙ୍କୁ ସଞ୍ଚୟର ମାଧ୍ୟମ ପ୍ରଦାନ କରନ୍ତି ଏବଂ କ୍ଷୁଦ୍ର ବ୍ୟବସାୟିକ ଏକକ, ସୂକ୍ଷ୍ମ ଓ କ୍ଷୁଦ୍ର ଉଦ୍ୟୋଗ, କ୍ଷୁଦ୍ର ଓ ନାମମାତ୍ର କୃଷକ, ଅଣସଂଗଠିତ କ୍ଷେତ୍ରର ଅନୁଷ୍ଠାନଗୁଡ଼ିକୁ ଉଚ୍ଚ ଜ୍ଞାନକୌଶଳ କମ୍ ଖର୍ଚ୍ଚରେ ପରିଚାଳନା ମାଧ୍ୟମରେ କ୍ଷୁଦ୍ର ଟିକେଟ୍ ଋଣ (ଏସ୍ ଏଫ୍ ବି ର ଋଣ ପୋର୍ଟଫୋଲିଓର ଅତିକମରେ 50% ଋଣ ଏବଂ 25 ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଏବଂ ଅଗ୍ରୀମ) ମଧ୍ୟ ପ୍ରଦାନ କରନ୍ତି।

- କ୍ଷୁଦ୍ର ବ୍ୟବସାୟ ଏକକଗୁଡ଼ିକ
- ସୂକ୍ଷ୍ମ ଏବଂ କ୍ଷୁଦ୍ର ଉଦ୍ୟୋଗଗୁଡ଼ିକ
- କ୍ଷୁଦ୍ର ଏବଂ ନାମମାତ୍ର ଚାଷୀମାନେ
- ଅଣସଙ୍ଗଠିତ କ୍ଷେତ୍ରରେ ଥିବା ସଂସ୍ଥାଗୁଡ଼ିକ

## ବ୍ୟବସାୟିକ ପ୍ରତିନିଧିବୃନ୍ଦ (ବିସି)

ଜଣେ ବ୍ୟବସାୟିକ ପ୍ରତିନିଧି ହେଉଛନ୍ତି ଏକ ବ୍ୟାଙ୍କ୍ ର ପ୍ରତିନିଧି (ଅବା ଏଜେଣ୍ଟ) ଯିଏ କି ଗ୍ରାହକମାନଙ୍କୁ (ସାଧାରଣତଃ ଦୂରନ୍ତ ସ୍ଥାନ/ ଗ୍ରାମରେ) ସେମାନଙ୍କ ବ୍ୟାଙ୍କିଂ ଆବଶ୍ୟକତା/ ବ୍ୟାଙ୍କିଂ କାରବାରରେ ସାହାଯ୍ୟ କରିଥାନ୍ତି।



ଜଣେ ବ୍ୟବସାୟିକ ପ୍ରତିନିଧି ଆପଣଙ୍କୁ ନିମ୍ନଲିଖିତ ସେବାଗୁଡ଼ିକ ପ୍ରଦାନ କରିପାରିବେ:

- ଏକ ବ୍ୟାଙ୍କ୍ ଜମା ଖାତା ଖୋଲିବାରେ ସାହାଯ୍ୟ କରିବା
- ଟଙ୍କା ଜମା କରିବା ଓ ଉଠାଣ କରିବା
- ଆପଣଙ୍କ ଖାତାକୁ ଏବଂ ଆପଣଙ୍କ ଖାତାରୁ ଟଙ୍କା ପ୍ରେରଣ କରିବା
- ଋଣ ଦରଖାସ୍ତଗୁଡିକର ସଂଗ୍ରହ କରିବା
- କମ୍ ମୂଲ୍ୟର ଋଣ ବିତରଣ କରିବା

### ଟିପ୍ପଣୀ

**ଆପଣ**

- ଆପଣଙ୍କ ଇଲାକାରେ ବ୍ୟବସାୟିକ ପ୍ରତିନିଧିଙ୍କ ଉପଲବ୍ଧତା ବିଷୟରେ ଜାଣିବା ପାଇଁ ନିକଟସ୍ଥ ବ୍ୟାଙ୍କ ଶାଖାସହ ଯୋଗାଯୋଗ କରିପାରିବେ।
- କୌଣସି ସନ୍ଦେହ ହେଲେ, ବ୍ୟବସାୟିକ ପ୍ରତିନିଧିଙ୍କ ନାମ ଓ ବିଶଦ ବିବରଣୀ ବିଷୟରେ ଆପଣଙ୍କ ବ୍ୟାଙ୍କ୍ ରୁ ସଠିକ୍ ସୂଚନା ପାଇପାରିବେ।
- ଆପଣଙ୍କ ନିକଟରେ ଥିବା ବ୍ୟବସାୟିକ ପ୍ରତିନିଧିଙ୍କର ସୂଚନା ମଧ୍ୟ https://www.bcregistry.org.in ମାଧ୍ୟମରେ ପାଇପାରିବେ।
- ଯଦି ଆପଣ ବ୍ୟବସାୟିକ ପ୍ରତିନିଧିଙ୍କ ସେବାରେ ସନ୍ତୁଷ୍ଟ ନୁହଁନ୍ତି, ତେବେ ଆପଣଙ୍କ ବ୍ୟାଙ୍କ୍ ରେ ଏକ ଅଭିଯୋଗ ଦାଖଲ କରିପାରିବେ।

## ବାର୍ତ୍ତା 5 { ନିଷ୍କ୍ରିୟ ଖାତା }

### ଏକ ନିଷ୍କ୍ରିୟ ଖାତା କ'ଣ?

ଯଦି ଦୁଇ ବର୍ଷରୁ ଅଧିକ ସମୟ ଧରି ଖାତାରେ ଗ୍ରାହକଙ୍କ ଦ୍ୱାରା କୌଣସି କାରବାର ନ ହୁଏ ତେବେ ସଞ୍ଚୟ ଖାତା ଓ ଚାଲୁ ଖାତାକୁ ବ୍ୟାଙ୍କ୍ ସୁପ୍ତ/ନିଷ୍କ୍ରିୟ ବୋଲି ବିବେଚନା କରିଥାଏ।

### 'ନିଷ୍କ୍ରିୟ ଖାତାଗୁଡ଼ିକୁ' ଅନ୍ୟାନ୍ୟ ଖାତାଗୁଡ଼ିକ ଠାରୁ କାହିଁକି ପୃଥକ୍ କରାଯାଇଛି?

ଠକେଇ ର ଆଶଙ୍କାକୁ କମ୍ କରିବା ଏବଂ ଏଭଳି ଖାତାରେ ବଢୁଥିବା ଆପଦକୁ ବ୍ୟାଙ୍କ୍ କର୍ମଚାରୀଙ୍କ ନଜରକୁ ଆଣିବା ପାଇଁ ନିଷ୍କ୍ରିୟ ଖାତାକୁ ଅନ୍ୟ ଖାତାଠାରୁ ଅଲଗା କରାଯାଏ।




### ସ୍ଥାୟୀ ଜମା ଏବଂ/କିମ୍ବା ଅଂଶଧନ ଉପରେ ଲାଭାଂଶ ଜମା କରିବାକୁ ଆଦେଶ ଗ୍ରାହକଙ୍କ ଦ୍ୱାରା ପ୍ରୋତ୍ସାହିତ କାରବାର ବୋଲି ବିବେଚନା କରାଯାଏ କି?

ହଁ, ଏହାକୁ ଏକ ଗ୍ରାହକ ପ୍ରୋତ୍ସାହିତ କାରବାର ଭାବରେ ବିବେଚନା କରାଯାଏ।

### ଏକ ନିଷ୍କ୍ରିୟ ଖାତାକୁ ସକ୍ରିୟ କରିବାକୁ ଆବଶ୍ୟକ ଥିବା ପ୍ରକ୍ରିୟା କ'ଣ?

- ସମସ୍ତ ଶାଖା (ନନ୍-ହୋମ୍ ବ୍ରାଞ୍ଚ୍ ସମେତ) ରେ ଅଚଳ ଆକାଉଣ୍ଟ/ ଅଣଦାବି (ଅନକ୍ଲେମଡ୍) ଜମାକୁ ସକ୍ରିୟ କରିବା ପାଇଁ କେୱାଇସି (KYC) ଅପଡେଟ୍ କରିବାର ସୁବିଧା ଉପଲବ୍ଧ କରିବାକୁ ବ୍ୟାଙ୍କଗୁଡ଼ିକୁ ପରାମର୍ଶ ଦିଆଯାଇଛି ଏବଂ ଭିଡିଓ-ଗ୍ରାହକ ଚିହ୍ନଟ ପ୍ରକ୍ରିୟା (V-CIP)ରେ ମଧ୍ୟ ଯଦି ଖାତାଧାରକଙ୍କ ଦ୍ୱାରା ଅନୁରୋଧ କରାଯାଏ, ତେବେ ବ୍ୟାଙ୍କ ଦ୍ୱାରା (V-CIP) ସୁବିଧା ଉପଲବ୍ଧ ଥିଲେ ଯାଇ ଏହି ସେବା ପ୍ରଦାନ କରାଯାଇ ପାରିବ। ସେହି ଅନୁଯାୟୀ ଗ୍ରାହକମାନେ ସମ୍ପୃକ୍ତ ନିକଟସ୍ଥ ବ୍ୟାଙ୍କ ଶାଖାକୁ ଯାଇପାରିବେ।
- ରିଜର୍ଭ ବ୍ୟାଙ୍କ ଦ୍ୱାରା ନିର୍ଦ୍ଧାରିତ କେୱାଇସି (KYC) ଗାଇଡଲାଇନ ଯଥା କଷ୍ଟମର ଡ୍ୟୁ ଡିଲିଜେନ୍ସ (CDD), ଗ୍ରାହକ ଚିହ୍ନଟ, ରିସ୍କ ବର୍ଗୀକରଣ ଇତ୍ୟାଦିକୁ ପାଳନ କରି ବ୍ୟାଙ୍କଗୁଡ଼ିକୁ ତିନି କାର୍ଯ୍ୟଦିବସ ମଧ୍ୟରେ ନିଷ୍କ୍ରିୟ ଆକାଉଣ୍ଟକୁ ସକ୍ରିୟ କରିବାକୁ ପଡ଼ିବ।

- ବ୍ୟାଙ୍କଗୁଡ଼ିକ ଏସ୍ଏମ୍ଏସ୍ ଏବଂ ପଞ୍ଜୀକୃତ ଇମେଲ୍ ମାଧ୍ୟମରେ ନିଷ୍କ୍ରିୟ ଆକାଉଣ୍ଟ/ ଅଣଦାବି (ଅନକ୍ଲେମଡ୍) ଜମାଧାରୀଙ୍କୁ ସ୍ୱତଃସ୍ଫୁତ ଭାବେ ଅବଗତ କରାଇବା ଆବଶ୍ୟକ, ଯେଉଁଥିରେ ଜଣେଇ ଦିଆଯିବ ଯେ ସେମାନଙ୍କ ଦ୍ୱାରା ଦାଖଲ କରାଯାଇଥିବା କେୱାଇସି (KYC) ଦସ୍ତାବିଜ ଆଧାରରେ ଆକାଉଣ୍ଟର ନିଷ୍କ୍ରିୟ ସ୍ଥିତିକୁ ହଟାଇ ଦିଆଯାଇଛି।

## ନିଷ୍କ୍ରିୟ ଖାତାର ସକ୍ରିୟକରଣ କରିବା ପାଇଁ କୌଣସି ଶୁଳ୍କ ଲାଗୁ ହୁଏ କି?

ନିଷ୍କ୍ରିୟ ଖାତାକୁ ସକ୍ରିୟ କରିବା ପାଇଁ କୌଣସି ଶୁଳ୍କ ଲାଗୁ ହୁଏ ନାହିଁ।

## ନିଷ୍କ୍ରିୟ ଖାତା ଉପରେ କୌଣସି ସୁଧ ଦିଆଯାଏ କି?

ଖାତା ସକ୍ରିୟ ଥାଉ ବା ନଥାଉ, ସଞ୍ଚୟ ବ୍ୟାଙ୍କ୍ ଖାତା ଉପରେ ନିୟମିତ ଭାବରେ ସୁଧ ଦିଆଯାଏ। ଯଦି ଏକ ସ୍ଥାୟୀ ଜମା ରସିଦ ପରିପକ୍ୱ ହୁଏ ଏବଂ ଏଥିରୁ ଲବ୍ଧ ଅର୍ଥଗୁଡିକ ଅନାଦେୟ ହୋଇଯାଏ, ତେବେ ବ୍ୟାଙ୍କରେ ଦାବି ନହୋଇ ପଡ଼ି ରହିଥିବା ରାଶି ଉପରେ ସଞ୍ଚୟ ବ୍ୟାଙ୍କ୍ ହିସାବରେ ସୁଧ ହାର ଦିଆଯାଏ କିମ୍ବା ପରିପକ୍ୱ ସ୍ଥାୟୀ ଜମା ଉପରେ ଚୁକ୍ତିଭୂତ ସୁଧ ହାର ଦିଆଯାଏ, ଏ ମଧ୍ୟରୁ ଯେଉଁଟା କମ୍ ଅଟେ।

## ବ୍ୟାଙ୍କ୍ ର ୱେବସାଇଟ୍ ରେ ନିଷ୍କ୍ରିୟ ଖାତାଗୁଡ଼ିକ ଉପରେ ସୂଚନା ଉପଲବ୍ଧ ଥାଏ କି?

ବ୍ୟାଙ୍କଗୁଡ଼ିକ ନିଜ ନିଜ ୱେବସାଇଟରେ 10 ବର୍ଷ କିମ୍ବା ତଦୂର୍ଦ୍ଧ ସମୟ ଧରି ଅଚଳ/ ନିଷ୍କ୍ରିୟ ହୋଇ ପଡ଼ିରହିଥିବା ଅଣଦାବି ଜମାରାଶି/ନିଷ୍କ୍ରିୟ ଖାତାର ଏକ ତାଲିକା ପ୍ରଦର୍ଶିତ କରିବା ଆବଶ୍ୟକ। ଖାତାଧାରକଙ୍କ ନାମରେ ଆକାଉଣ୍ଟ ତାଲିକା ଖୋଜିବା ପାଇଁ ବ୍ୟାଙ୍କଗୁଡ଼ିକ ଦ୍ୱାରା ଜନସାଧାରଣଙ୍କୁ ଏକ ଅନ୍ୱେଷଣ ସୁବିଧା ମଧ୍ୟ ପ୍ରଦାନ କରାଯାଏ। ଗ୍ରାହକମାନେ ବ୍ୟାଙ୍କ ଦ୍ୱାରା ଆରବିଆଇର ଜମାକାରୀ ଶିକ୍ଷା ଓ ସଚେତନତା (ଡିଇଏ) ପାଣ୍ଠିକୁ ହସ୍ତାନ୍ତର କରାଯାଇଥିବା ସେମାନଙ୍କର ଅଣଦାବି ଜମାରାଶିର ଅନୁସନ୍ଧାନ କରିବା ପାଇଁ ମଧ୍ୟ ଆରବିଆଇ ପ୍ରଦତ୍ତ UDGAM ପୋର୍ଟାଲ୍ (https://udgam.rbi.org.in/unclaimed-deposits/#/login) ରେ ଅନ୍ୱେଷଣ ସୁବିଧାର ଉପଯୋଗ କରିପାରିବେ। ଏହି ଅନ୍ୱେଷଣ ସୁବିଧା ବର୍ତ୍ତମାନ ଏଠାରେ ତାଲିକାଭୁକ୍ତ 30ଟି ବ୍ୟାଙ୍କ ପାଇଁ ଉପଲବ୍ଧ (https://www.rbi.org.in/Scripts/ BS_PressReleaseDisplay.aspx?prid=56498)।



# ଆର୍ଥିକ ଦକ୍ଷତା




ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଓ ବିକାଶ ବିଭାଗ, ଆରବିଆଇ

# ବାର୍ତ୍ତା 6 { ଋଣ ଉପରେ ସୁଧ }

ଆପଣ ୧ ବର୍ଷ ପାଇଁ ବ୍ୟାଙ୍କରୁ ୧୦୦ ଟଙ୍କା ଋଣ ନିଅନ୍ତି




ଏବଂ ବ୍ୟାଙ୍କ କହୁଛି ଆପଣଙ୍କୁ ବାର୍ଷିକ ୧୦% ସରଳ ସୁଧ* ଦେବାକୁ ପଡ଼ିବ

ଅର୍ଥାତ୍ ବର୍ଷ ଶେଷରେ ଆପଣଙ୍କୁ ୧୦୦ ଟଙ୍କା (ଋଣ ରାଶି) ଯୁକ୍ତ ୧୦ ଟଙ୍କା (ସରଳ ସୁଧ*) ଅର୍ଥାତ୍ ସମୁଦାୟ ୧୧୦ ଟଙ୍କା ଫେରସ୍ତ କରିବାକୁ ପଡ଼ିବ।

---

ସରଳ ସୁଧ * ଗଣନା

$$\left(\text{₹୧୦୦} \times \frac{\text{୧୦}}{\text{୧୦୦}}\right) \times \text{୧} = \text{₹୧୦}$$

ଅର୍ଥାତ୍

$$I = \left(P \times \frac{r}{100}\right) \times n$$ ଯେଉଁଠାରେ

P = ମୂଳଧନ; I = ସୁଧ; r = ସୁଧ ହାର ଏବଂ n = ବର୍ଷର ସଂଖ୍ୟା

---



## କିନ୍ତୁ ସଚେତନ ରୁହନ୍ତୁ!!

- ସର୍ବଦା ଋଣ ମଞ୍ଜୁରୀ ପତ୍ରର ସର୍ତ୍ତାବଳୀ ପଢ଼ନ୍ତୁ କାରଣ ସେଗୁଡ଼ିକ ଅନୁଷ୍ଠାନ ଗୁଡ଼ିକ ମଧ୍ୟରେ ଭିନ୍ନ ହୋଇପାରେ।
- ସବୁବେଳେ ଫାଇନ୍ ପ୍ରିଣ୍ଟ ପଢ଼ନ୍ତୁ, କିଛି ଅନୁଷ୍ଠାନ କହିପାରନ୍ତି ଯେ ସେମାନେ ୨% (କ୍ଷୁଦ୍ର ହାର ରେ ପ୍ରତି ମାସ) ଆଦାୟ କରନ୍ତି, କିନ୍ତୁ ପ୍ରକୃତ ହାର ବାର୍ଷିକ ୨୪% ପର୍ଯ୍ୟନ୍ତ କାର୍ଯ୍ୟ କରେ।
- ପ୍ରକୃତ ସୁଧ ହାର ଏବଂ ଆପଣଙ୍କ ଆର୍ଥିକ ସ୍ଥିତି ଉପରେ ଏହାର ପ୍ରଭାବ ଜାଣିବା ପାଇଁ ସର୍ବଦା ବାର୍ଷିକ ସୁଧ ହାର ଜାଣନ୍ତୁ!

* ବ୍ୟାଙ୍କଗୁଡ଼ିକ ସରଳ ସୁଧହାରରେ ଋଣ ପ୍ରଦାନ କରନ୍ତି ନାହିଁ

## ବାର୍ତ୍ତା 7 { ଚକ୍ରବୃଦ୍ଧି (କମ୍ପାଉଣ୍ଡିଂ) }

କମ୍ପାଉଣ୍ଡିଂ କୁ 'ସୁଧ ଉପରେ ସୁଧ' ମଧ୍ୟ କୁହାଯାଏ। କମ୍ପାଉଣ୍ଡିଂରେ ଲାଭ ହେଉଛି ଅର୍ଜିତ ସୁଧକୁ ମୂଳରେ ଯୋଡ଼ାଯାଏ ଏବଂ ପୁନଃନିବେଶ କରାଯାଏ। ତେଣୁ ମୂଳଧନ ସହିତ ସୁଧ ଉପରେ ମଧ୍ୟ ସୁଧ ରୋଜଗାର ହୋଇଥାଏ।



ଏବଂ ଯେତେବେଳେ ଏହି କମ୍ପାଉଣ୍ଡିଂ ଦୀର୍ଘ ସମୟ ଧରି ହୁଏ, ସାଧାରଣ ସୁଧ ତୁଳନାରେ ରିଟର୍ଣ୍ଣ ବହୁତ ଅଧିକ ହୋଇଯାଏ *!

**ଏହାକୁ ବୁଝାଇବା ପାଇଁ ଏକ ଉଦାହରଣ:**

| | |
|---|---|
| ବର୍ଷ ୧ | |
| ମୂଳଧନ | ₹୧୦,୦୦୦ |
| ସୁଧ @10% (ବାର୍ଷିକ ବୃଦ୍ଧି) | ₹ ୧୦୦୦ |
| ୧ ବର୍ଷ ଶେଷରେ ରାଶି | ₹୧୧,୦୦୦ |
| ବର୍ଷ ୨ | |
| ୧୧,୦୦୦ ଟଙ୍କା (ଅର୍ଥାତ୍ ମୂଳ ଧନ ₹୧୦,୦୦୦ + ୧୦୦୦ ଟଙ୍କାର ସୁଧ) ଉପରେ ସୁଧ @୧୦% (ବାର୍ଷିକ କମ୍ପାଉଣ୍ଡେଡ୍) | ₹୧,୧୦୦ |
| ୨ ବର୍ଷ ଶେଷରେ ରାଶି | ₹ ୧୨,୧୦୦ |
| ବର୍ଷ ୩ | |
| ୧୨,୧୦୦ ଟଙ୍କା ଉପରେ ସୁଧ @୧୦% (ବାର୍ଷିକ କମ୍ପାଉଣ୍ଡେଡ) (୨ ବର୍ଷ ଶେଷରେ ଏହି ରାଶି) | ₹ ୧,୨୧୦ |
| ୩ ବର୍ଷ ଶେଷରେ ରାଶି | ₹୧୩,୩୧୦ |

କମ୍ପାଉଣ୍ଡିଂ ପାଇଁ ଫର୍ମୁଲା

$$A = P \times \left(1 + \frac{r}{n}\right)^{n \times t}$$

ଯେଉଁଠାରେ A = ପରିମାଣ; P= ମୂଳଧନ ; r = ସୁଧ ହାର (ଦଶମିକ );
n = ଗୋଟିଏ ବର୍ଷରେ କେତେଥର ବୃଦ୍ଧି ପାଇଛି; t = ବର୍ଷମାନଙ୍କରେ ସମୟ ଅବଧି

* ବ୍ୟାଙ୍କଗୁଡ଼ିକ ସରଳ ସୁଧହାରରେ ଋଣ ପ୍ରଦାନ କରନ୍ତି ନାହିଁ



## କମ୍ପାଉଣ୍ଡିଂ ର ଶକ୍ତି

୧୦ ବର୍ଷ ପାଇଁ ୧୦୦୦୦ ଟଙ୍କା ନିବେଶ କଲେ ସରଳ ସୁଧ* ୧୦%ରେ ୨୦,୦୦୦ ଟଙ୍କା ହୋଇଯିବ।

କିନ୍ତୁ ତ୍ରୈମାସିକ ଭାବେ ୧୦% ସୁଧ ବଢୁଥିବାରୁ ଏହା ୨୬,୮୫୧ ଟଙ୍କା ରେ ପହଞ୍ଚିବ।

[ = ୧୦୦୦୦ *(୧+((୧୦/୧୦୦)/୪))]^୪*୧୦
 = ୧୦୦୦୦ * x୨.୬୮୫୧
 = ୨୬,୮୫୧]

ତେଣୁ କମ୍ପାଉଣ୍ଡିଂ ଦ୍ୱାରା ୬,୮୫୧ ଟଙ୍କା ବା ୩୪% ଅଧିକ ରୋଜଗାର ହୋଇଥାଏ!!

**ମନେ ରଖନ୍ତୁ**

ଦୀର୍ଘ ସମୟ ଧରି ଯଦି ଟଙ୍କା ନିବେଶ କରି ରଖାଯାଏ, ତେବେ କମ୍ପାଉଣ୍ଡିଂ ଦ୍ୱାରା ବିପୁଳ ଫାଇଦା ମିଳିଥାଏ!




*ବ୍ୟାଙ୍କଗୁଡ଼ିକ ସରଳ ସୁଧହାରରେ ଋଣ ପ୍ରଦାନ କରନ୍ତି ନାହିଁ

## ବାର୍ତ୍ତା ୪ { ମୁଦ୍ରାସ୍ଫୀତି }



**2023**
ମନେକର ଆପଣଙ୍କୁ ୧୦୦ ଟଙ୍କାରେ
୧ କିଲୋ ଫଳସେଓ ମିଳେ



**2024**
ସେହି ୧ କେଜି ର ମୂଲ୍ୟ
ଏବେ ୧୧୦ ଟଙ୍କା ରହିଛି

୧ ବର୍ଷରେ ମୁଦ୍ରାସ୍ଫୀତି

ମୁଦ୍ରାସ୍ଫୀତି = ₹୧୧୦ - ₹୧୦୦= ₹ ୧୦

କିମ୍ବା

(୧୦ /୧୦୦)*୧୦୦ = ୧୦%



ତେଣୁ ମୁଦ୍ରାସ୍ଫୀତି ହେଉଛି ସମୟକ୍ରମେ ଦ୍ରବ୍ୟ ଓ ସେବାର ମୂଲ୍ୟ ବୃଦ୍ଧି ହାର। ଏହା ଦ୍ୱାରା ଜୀବନଧାରଣ ଖର୍ଚ୍ଚ ବଢ଼ିଥାଏ।

**ନିମ୍ନଲିଖିତ ପରିସ୍ଥିତି ଗୁଡ଼ିକ ବିଚାର କରନ୍ତୁ**

ପରିସ୍ଥିତି 1

ବାର୍ଷିକ ୬% ହାରରେ ଜମା ହୋଇଥିବା ଟଙ୍କା

ରିଟର୍ଣ୍ଣ – ୬%

ମୁଦ୍ରାସ୍ଫୀତି - ୪%

ପ୍ରକୃତ ରିଟର୍ଣ୍ଣ ହାର :

ରିଟର୍ଣ୍ଣ% - ମୁଦ୍ରାସ୍ଫୀତି % = ୬% - ୪% =୨% ଅର୍ଥାତ୍

**ସକାରାତ୍ମକ ରିଟର୍ଣ୍ଣ**

ପରିସ୍ଥିତି 2

ଜମା ନ କରି ନଗଦ ରଖାଯାଇଥିବା ଟଙ୍କା

ରିଟର୍ଣ୍ଣ – ୦ %

ମୁଦ୍ରାସ୍ଫୀତି - ୪%

ପ୍ରକୃତ ରିଟର୍ଣ୍ଣ ହାର :

ରିଟର୍ଣ୍ଣ% - ମୁଦ୍ରାସ୍ଫୀତି %= ୦% - ୪% = - ୪% ଅର୍ଥାତ୍

**ନକାରାତ୍ମକ ରିଟର୍ଣ୍ଣ**

ମୁଦ୍ରାସ୍ଫୀତି ୪% ଥିବାରୁ ନଗଦ ଟଙ୍କା ମୂଲ୍ୟ ୪% ହ୍ରାସ ପାଇଛି।

ଉପରୋକ୍ତ ରୁ ଆପଣ ବୁଝିପାରିବେ ଯେ ମୁଦ୍ରାସ୍ଫୀତି ଠାରୁ ଅତି କମରେ ଅଧିକ ରିଟର୍ଣ୍ଣ ଦେଉଥିବା ସଠିକ୍ ଆର୍ଥିକ ଉତ୍ପାଦରେ ନିବେଶ କରିବା କେତେ ଜରୁରୀ!

## ବାର୍ତ୍ତା ୨ { ଅର୍ଥର ସମୟ ମୂଲ୍ୟ }

ଅର୍ଥର ସମୟ ମୂଲ୍ୟ (ଟିଭିଏମ୍) ହେଉଛି ଏହି ଧାରଣା ଯେ ବର୍ତ୍ତମାନ ଉପଲବ୍ଧ ଅର୍ଥର ମୂଲ୍ୟ ଏହାର ସମ୍ଭାବ୍ୟ ରୋଜଗାର କ୍ଷମତା ହେତୁ ଭବିଷ୍ୟତରେ ଉପଲବ୍ଧ ସମାନ ପରିମାଣର ଟଙ୍କାଠାରୁ ଅଧିକ, ଯଦି ସୁଧ ହାର ସକାରାତ୍ମକ ହୁଏ। ଆଜିର ₹୧୦୦ ଦୁଇ ବର୍ଷ ପରେ ମିଳିବାକୁ ଥିବା ₹୧୦୦ ସହ ସମାନ ହୋଇନପାରେ।




ସୁଧ ହାର/ରିହାତି ହାର ୧୦% ବିଚାର କରି ନିମ୍ନଲିଖିତ ପରିସ୍ଥିତିକୁ ବୁଝନ୍ତୁ

ବାର୍ଷିକ ୧୦% ସୁଧରେ ନିବେଶ କରାଯାଇଥିବା ୧୦୦ ଟଙ୍କାର ମୂଲ୍ୟ ୨ ବର୍ଷରେ ୧୨୧ ଟଙ୍କା ହୋଇଯିବ। ଏହାକୁ ବର୍ତ୍ତମାନର ନଗଦ ପ୍ରବାହର **ଭବିଷ୍ୟତ ମୂଲ୍ୟ** କୁହାଯାଏ।

ଅପରପକ୍ଷରେ ସମାନ ପରିସ୍ଥିତିରେ ୨ ବର୍ଷ ପରେ ୧୨୧ ଟଙ୍କା ମିଳିବା ଆଜି ୧୦୦ ଟଙ୍କା ପାଇବା ସହ ସମାନ। ଏହାକୁ ଭବିଷ୍ୟତର ନଗଦ ପ୍ରବାହର **ବର୍ତ୍ତମାନର ମୂଲ୍ୟ** କୁହାଯାଏ। ୨ ବର୍ଷ ପରେ ₹୧୨୧ ର ବର୍ତ୍ତମାନର ମୂଲ୍ୟ ହେଉଛି ଆଜିର ₹୧୦୦।

ତେଣୁ ଆମେ ଦେଖୁଛୁ ଯେ ପଇସାର **'ସମୟ ମୂଲ୍ୟ'** ରହିଛି।

## ମନେ ରଖନ୍ତୁ

ଯଦି ବୁଦ୍ଧିମାନ ଭାବରେ ଟଙ୍କା ବିନିଯୋଗ କରାନଯାଏ, ତେବେ ମୁଦ୍ରାସ୍ଫୀତି କାରଣରୁ ଏହାର ମୂଲ୍ୟ ହ୍ରାସ ପାଇପାରେ।

ଯଦି ୧୦୦ ଟଙ୍କାର ନିବେଶ ଉପରେ ରିଟର୍ଣ୍ଣ ୫% ଏବଂ ମୁଦ୍ରାସ୍ଫୀତି ହାର ୭% କୁହାଯାଏ, ତେବେ ପ୍ରକୃତ ରିଟର୍ଣ୍ଣ ହେଉଛି (-୨%)! ଅର୍ଥର ମୂଲ୍ୟ ୨ଟଙ୍କା ପର୍ଯ୍ୟନ୍ତ ହ୍ରାସ ପାଇଛି।

ତେଣୁ ମୁଦ୍ରାସ୍ଫୀତି ଓ ଅନ୍ୟାନ୍ୟ କାରଣର ଭରଣା ପାଇଁ ଆର୍ଥିକ ଅନୁଷ୍ଠାନଗୁଡ଼ିକ ଯଦି ଆପଣ ଟଙ୍କା ଜମା କରନ୍ତି ସୁଧ ଦିଅନ୍ତି, ଏବଂ ଯଦି ଆପଣ ଟଙ୍କା ଧାର କରନ୍ତି ତେବେ ସୁଧ ଆଦାୟ କରନ୍ତି।

ତେଣୁ, ଉପଯୁକ୍ତ ଆର୍ଥିକ ଉତ୍ପାଦଗୁଡ଼ିକରେ ସଞ୍ଚୟ କରିବା ଏବଂ ବିନିଯୋଗ କରିବା ଜରୁରୀ ଅଟେ ଯାହା ଦ୍ୱାରା ମୁଦ୍ରାସ୍ଫୀତି ହାର ଠାରୁ ଅଧିକ ରିଟର୍ଣ୍ଣ ହାର ଅର୍ଜନ କରାଯାଇପାରିବ ଏବଂ ଅର୍ଥର ଭବିଷ୍ୟତ ମୂଲ୍ୟ ବଜାୟ ରଖାଯାଇପାରିବ।



## ବାର୍ତ୍ତା 10 { ରିସ୍କ ବନାମ ରିଟର୍ଣ୍ଣ }

ଯେକୌଣସି ନିବେଶରେ ଏକ ନିର୍ଦ୍ଦିଷ୍ଟ ପରିମାଣର ବିପଦ ରହିଥାଏ।

ସାଧାରଣତଃ ରିସ୍କ ଓ ରିଟର୍ଣ୍ଣ ମଧ୍ୟରେ ସିଧାସଳଖ ସମ୍ପର୍କ ରହିଥାଏ। ଆଶାନୁରୂପ ରିଟର୍ଣ୍ଣ ଯେତେ ଅଧିକ ହେବ, ବିପଦ ସେତେ ଅଧିକ ରହିବ। (ପ୍ରାରମ୍ଭିକ ନିବେଶ ହରାଇବାର ସମ୍ଭାବନା ମଧ୍ୟ ଅନ୍ତର୍ଭୁକ୍ତ)।

**ସେହିପରି କମ୍ ରିଟର୍ଣ୍ଣ ହେଲେ ରିସ୍କ୍ ମଧ୍ୟ କମିଯିବ।**







ଆର୍ଥିକ ଉତ୍ପାଦରେ ନିବେଶ କିମ୍ବା ସଞ୍ଚୟ କରିବା ସମୟରେ ମୌଳିକ ନିବେଶ ନୀତିକୁ ଧ୍ୟାନରେ ରଖିବା ଉଚିତ। ଏହା ହେଉଛି- ବିପଦ ବନାମ ରିଟର୍ଣ୍ଣ ଟ୍ରେଡ୍ ଅଫ୍। ଅଧିକ ଆଶାନୁରୂପ ରିଟର୍ଣ୍ଣ ଅଧିକ ବିପଦ ଏବଂ ସମ୍ଭାବ୍ୟ କ୍ଷତିର ସମ୍ଭାବନା ମଧ୍ୟ ସୃଷ୍ଟି କରିପାରେ।



## ନିଜର ଟଙ୍କାକୁ ବୁଦ୍ଧିମତା ସହ ବିନିଯୋଗ କରନ୍ତୁ!

ସାବଧାନ! ଉଚ୍ଚ ଏବଂ ଦ୍ରୁତ ରିଟର୍ଣ୍ଣ ସ୍କିମ୍ ବିପଦପୂର୍ଣ୍ଣ ହୋଇପାରେ। ବିପଦକୁ ନ ବୁଝି ରିଟର୍ଣ୍ଣ କୁ ପିଛା କରନ୍ତୁ ନାହିଁ!

ସ୍କିମ୍ ପ୍ରଦାନ କରୁଥିବା ସଂସ୍ଥାର ପୃଷ୍ଠଭୂମି ଏବଂ କାର୍ଯ୍ୟଦକ୍ଷତାକୁ ଭଲ ଭାବରେ ଯାଞ୍ଚ୍ କରନ୍ତୁ। ନିୟମ ଏବଂ ସର୍ତ୍ତାବଳୀ ଧ୍ୟାନର ସହ ପଢ଼ନ୍ତୁ।

ଅଜଣା ସଂସ୍ଥାର 'ଠୁ ଗୁଡ୍ ଟୁ ବି ଟ୍ରୁ' ଯୋଜନାରେ ପ୍ରଲୋଭିତ ହେବା ପୂର୍ବରୁ ନିଜର ଅଧ୍ୟୟନ ଏବଂ ସଠିକ୍ ନିରୀକ୍ଷଣ ନିଶ୍ଚିତ କରନ୍ତୁ!!!

କୌଣସି ଯୋଜନା ଅଧୀନରେ ସଂଗୃହୀତ ଜମା କିମ୍ବା ଟଙ୍କା ପରିଶୋଧ କରିବାରେ ଅବହେଳା କରିଥିବା କୌଣସି ସଂସ୍ଥା ବିରୋଧରେ ସୂଚନା ରିପୋର୍ଟ କରିବାକୁ କିମ୍ବା ଅଭିଯୋଗ ପଞ୍ଜିକରଣ କରିବାକୁ www.sachet.rbi.org.in ପରିଦର୍ଶନ କରନ୍ତୁ।

## ଆରବିଆଇ କେହତା ହେ ଏବଂ ଆରବିଆଇ ସେ (RBI SAY)



ରିଜର୍ଭ ବ୍ୟାଙ୍କ ଆର୍ଥିକ ସାକ୍ଷରତା ଏବଂ ଉପଭୋକ୍ତା ସୁରକ୍ଷା ବାର୍ତ୍ତା ବିଷୟରେ ଜନସାଧାରଣଙ୍କୁ ସଚେତନ କରିବା ପାଇଁ ଗଣମାଧ୍ୟମ ଜରିଆରେ ଏକ ଜନସଚେତନତା ଅଭିଯାନ (ଏସଏମଏସ, ଇଲେକ୍ଟ୍ରୋନିକ ଏବଂ ପ୍ରିଣ୍ଟ ମିଡିଆ, ଫେସବୁକ ଏବଂ ଟ୍ୱିଟର) ଆରମ୍ଭ କରିଛି।

ଏସଏମଏସ ଅଭିଯାନ ପାଇଁ ଆରବିଆଇ 'ଆରବିଆଇ ସେ (RBI SAY)' ଆଇଡିରୁ ମେସେଜ ପଠାଇଥାଏ। ଅଧିକ ବିବରଣୀ ପାଇଁ, **14440** କୁ କଲ୍ କରନ୍ତୁ।

# ବାର୍ତ୍ତା 11 { ବିବିଧତା }

ଆମେ ସମସ୍ତେ ପୁରୁଣା କଥା ଜାଣିଛୁ



ଗୋଟିଏ ଝୁଡ଼ିରେ ସବୁ ଅଣ୍ଡା ରଖନ୍ତୁ ନାହିଁ।

ବିବିଧତା ହେଉଛି ଆପଣଙ୍କ ଟଙ୍କାକୁ ବିଭିନ୍ନ ସମ୍ପତ୍ତିରେ ବିନିଯୋଗ କରିବାର ପ୍ରକ୍ରିୟା।




## କାହିଁକି ବିବିଧତା

ବିଭିନ୍ନ ସମ୍ପତ୍ତିରେ ନିବେଶ କରି ବିବିଧତା ଆଣିବାର କାରଣ ହେଉଛି କୌଣସି ଗୋଟିଏ କିମ୍ବା ଏକାଧିକ ସମ୍ପତ୍ତିର ମୂଲ୍ୟ ହ୍ରାସ ରୁ ନିଜକୁ ରକ୍ଷା କରିବା। ଯେହେତୁ ବିଭିନ୍ନ ସମ୍ପତ୍ତିର ରିଟର୍ଣ୍ଣ ଏକାଠି ହ୍ରାସ ହୋଇନଥାଏ, ତେଣୁ ଗୋଟିଏ ସମ୍ପତ୍ତିର ମୂଲ୍ୟ ହ୍ରାସକୁ ଅନ୍ୟ ସମ୍ପତ୍ତିର ମୂଲ୍ୟ ବୃଦ୍ଧି ଦ୍ୱାରା ଭରଣା କରାଯାଇପାରେ ଯାହା ଦ୍ୱାରା ବ୍ୟକ୍ତିର ନିବେଶ କୁ କ୍ଷତିରୁ ରକ୍ଷା କରାଯାଇପାରିବ।

ଆର୍ଥିକ ସଚେତନତା ବାର୍ତ୍ତା

# ଡିଜିଟାଲ ଆର୍ଥିକ ସାକ୍ଷରତା



ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଓ ବିକାଶ ବିଭାଗ, ଆରବିଆଇ

## ବାର୍ତ୍ତା 12 { ରିଟେଲ ରେମିଟାନ୍ସ (ଖୁଚୁରା ଅର୍ଥପ୍ରେରଣ) }

ଏନଇଏଫଟି, ଆରଟିଜିଏସ ଏବଂ ଆଇଏମପିଏସ ହେଉଛି ବ୍ୟାଙ୍କଗୁଡ଼ିକ ଦ୍ୱାରା ଟଙ୍କା ଟ୍ରାନ୍ସଫର କରିବା ପାଇଁ ପ୍ରଦାନ କରାଯାଉଥିବା ସବୁଠାରୁ ଲୋକପ୍ରିୟ ରେମିଟାନ୍ସ ଚ୍ୟାନେଲ। ବ୍ୟାଙ୍କ ଶାଖାରେ କିମ୍ବା ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗ୍, ମୋବାଇଲ୍ ବ୍ୟାଙ୍କିଙ୍ଗ୍ ଭଳି ଅନ୍ ଲାଇନ୍ ଚ୍ୟାନେଲ୍ ଜରିଆରେ ଏହାର ଲାଭ ଉଠାଇପାରିବେ।

ଏଠାରେ ଏକ ଗ୍ରାଫିକ୍ ଅଛି ଯାହା ତିନୋଟି ଚ୍ୟାନେଲକୁ ବର୍ଣ୍ଣନା କରେ:

| ଗୁଣାବଳୀ | NEFT | RTGS | IMPS |
|---|---|---|---|
| ପ୍ରେରଣ ପାଇଁ ଲାଗୁଥିବା ସମୟ | ଏକ ଘଣ୍ଟା ମଧ୍ୟରେ | ସଙ୍ଗେ ସଙ୍ଗେ | ସଙ୍ଗେ ସଙ୍ଗେ |
| ଗ୍ରାହକଙ୍କ କାରବାର ପାଇଁ କାର୍ଯ୍ୟ ସମୟ | ୨୪/୭- ପ୍ରତ୍ୟେକ ଦିନ ୨୪ ଘଣ୍ଟା ଏପରିକି ସପ୍ତାହ ଶେଷ ତଥା ବ୍ୟାଙ୍କ୍ ଛୁଟି ଦିନମାନଙ୍କରେ ମଧ୍ୟ ୨୪ ଘଣ୍ଟା | ୨୪/୭- ପ୍ରତ୍ୟେକ ଦିନ ୨୪ ଘଣ୍ଟା ଏପରିକି ସପ୍ତାହ ଶେଷ ତଥା ବ୍ୟାଙ୍କ୍ ଛୁଟି ଦିନମାନଙ୍କରେ ମଧ୍ୟ ୨୪ ଘଣ୍ଟା | ୨୪/୭- ପ୍ରତ୍ୟେକ ଦିନ ୨୪ ଘଣ୍ଟା ଏପରିକି ସପ୍ତାହ ଶେଷ ତଥା ବ୍ୟାଙ୍କ୍ ଛୁଟି ଦିନମାନଙ୍କରେ ମଧ୍ୟ ୨୪ ଘଣ୍ଟା |
| ସର୍ବନିମ୍ନ ଆବଶ୍ୟକ ରାଶି | କୌଣସି ସର୍ବନିମ୍ନ ପରିମାଣ ନାହିଁ | ₹୨ ଲକ୍ଷ | କୌଣସି ସର୍ବନିମ୍ନ ପରିମାଣ ନାହିଁ |
| ସର୍ବାଧିକ ରାଶି ଯାହା ପ୍ରେରଣ କରାଯାଇପାରିବ | ଯେକୌଣସି ରାଶି | ଯେକୌଣସି ରାଶି | ₹୫ ଲକ୍ଷ |

# ବାର୍ତ୍ତା 13 { ୟୁନିଫାଏଡ୍ ପେମେଣ୍ଟ ଇଣ୍ଟରଫେସ୍ }

ୟୁନିଫାଇଡ୍ ପେମେଣ୍ଟ ଇଣ୍ଟରଫେସ୍ ବା ୟୁପିଆଇ ହେଉଛି ଏକ ପ୍ଲାଟଫର୍ମ ଯାହା ଇଣ୍ଟରନେଟ୍ ଆକସେସ୍ ଥିବା ସ୍ମାର୍ଟଫୋନ୍ ବ୍ୟବହାର କରି ଦୁଇଟି ବ୍ୟାଙ୍କ ଆକାଉଣ୍ଟ ମଧ୍ୟରେ ଟଙ୍କା ଟ୍ରାନ୍ସଫର କରିବାକୁ ଅନୁମତି ଦେଇଥାଏ । ୟୁପିଆଇ ଟ୍ରାଞ୍ଜାକସନ୍ ସୁବିଧା ପାଇଁ ଆପଣ ଭୀମ ଆପ୍ କିମ୍ବା ବ୍ୟାଙ୍କର କୌଣସି ଆପ୍ କିମ୍ବା କୌଣସି ତୃତୀୟ ପକ୍ଷ ଆପ୍ ବ୍ୟବହାର କରିପାରିବେ।




## ଏହା କିପରି କାମ କରେ

**ଆବଶ୍ୟକତା:**

ଏଥିପାଇଁ ବ୍ୟାଙ୍କ ଆକାଉଣ୍ଟ, ସେହି ବ୍ୟାଙ୍କ ଆକାଉଣ୍ଟ ସହ ଲିଙ୍କ୍ ହୋଇଥିବା ମୋବାଇଲ ନମ୍ବର ଏବଂ ଇଣ୍ଟରନେଟ୍ ସଂଯୋଗ ଥିବା ସ୍ମାର୍ଟଫୋନ୍ ଦରକାର। ଫିଚର ଫୋନ୍ ଉପଭୋକ୍ତାଙ୍କୁ ୟୁପିଆଇର ଲାଭ ଉଠାଇବା ପାଇଁ ୟୁପିଆଇ୧୨୩ପେ ସହିତ ଲଞ୍ଚ୍ କରାଯାଇଥିଲା, ଯାହା ଚାରିଗୋଟି ବିକଳ୍ପ ଯଥା ଆପ୍ ଆଧାରିତ କାର୍ଯ୍ୟକାରିତା, ମିସ୍ଡ କଲ୍, ଆଇଭିଆର୍ ଏବଂ ପ୍ରୋକ୍ସିମିଟି ସାଉଣ୍ଡ ଆଧାରିତ ପେମେଣ୍ଟ ସହିତ ଉପଲବ୍ଧ। ମୋବାଇଲ ଫୋନରେ ୟୁପିଆଇ ସେଟ୍ ଅପ୍ କରିବା ପାଇଁ ଆକାଉଣ୍ଟ ସହ ଲିଙ୍କ୍ ହୋଇଥିବା ଡେବିଟ୍ କାର୍ଡ ର ଆବଶ୍ୟକତା ରହିଛି। ରୁପେ କ୍ରେଡିଟ୍ କାର୍ଡ ସହ ମଧ୍ୟ ୟୁପିଆଇ ଲିଙ୍କ୍ କରାଯାଇପାରିବ।

**ୟୁପିଆଇ କିପରି ସକ୍ରିୟ କରିବେ ?**

- ଆପଣଙ୍କ ସ୍ମାର୍ଟଫୋନରେ ଆପ୍ ଡାଉନଲୋଡ୍ କରନ୍ତୁ ଏବଂ ବ୍ୟାଙ୍କ ଆକାଉଣ୍ଟ ଲିଙ୍କ୍ କରନ୍ତୁ ଏବଂ ଆପ୍ ରେ ଦିଆଯାଇଥିବା ନିର୍ଦ୍ଦେଶାବଳୀ ଅନୁସରଣ କରି ଏକ ୟୁପିଆଇ ପିନ୍ ସୃଷ୍ଟି କରନ୍ତୁ।
- ୟୁପିଆଇର ବ୍ୟବହାର: ନିଜର ୟୁପିଆଇ ପିନ୍ ବ୍ୟବହାର କରି ଆପଣ ହିତାଧିକାରୀଙ୍କ ଭର୍ଚୁଆଲ୍ ଠିକଣା କିମ୍ବା ୟୁପିଆଇ ନମ୍ବର ଜାଣି ଯେକୌଣସି ହିତାଧିକାରୀଙ୍କୁ ନିରବଚ୍ଛିନ୍ନ ଭାବେ ଅର୍ଥ ପ୍ରେରଣ କରିପାରିବେ।
- ଯଦି ହିତାଧିକାରୀଙ୍କ ପାଖରେ ଭର୍ଚୁଆଲ୍ ଠିକଣା କିମ୍ବା ୟୁପିଆଇ ନମ୍ବର ନାହିଁ, ତେବେ ଆଇଏଫଏସସି ଏବଂ ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ହିତାଧିକାରୀଙ୍କୁ ଅର୍ଥ ପ୍ରେରଣ କରିବାର ବିକଳ୍ପ ମଧ୍ୟ ଅଛି।

ୟୁପିଆଇର କ'ଣ ଫାଇଦା ରହିଛି

- ତୁରନ୍ତ ଟଙ୍କା ପ୍ରେରଣ ଏବଂ ପ୍ରାପ୍ତ କରିପାରିବେ।
- ସ୍ମାର୍ଟଫୋନ୍ ବ୍ୟବହାର କରି ୨୪/୭, ୩୬୫ ଦିନ ଏପରିକି ଛୁଟିଦିନ ତଥା ରବିବାର ଦିନ ମଧ୍ୟ ଅର୍ଥ ପ୍ରେରଣ କରିପାରିବେ।
- ଭର୍ଚୁଆଲ ଆଇଡି ର ବ୍ୟବହାର ଦ୍ୱାରା ଟଙ୍କା ଟ୍ରାନ୍ସଫର କରିବା ସହଜ ହୋଇଥାଏ ଏବଂ ସମ୍ବେଦନଶୀଳ ବ୍ୟାଙ୍କ ଆକାଉଣ୍ଟ ସୂଚନା ଅଂଶୀଦାର କରିବାର ଆବଶ୍ୟକତା ମଧ୍ୟ ପଡ଼ି ନଥାଏ।

ୟୁପିଆଇ ସମ୍ବନ୍ଧରେ ନିମ୍ନଲିଖିତ **'କ'ଣ କରନ୍ତୁ ଏବଂ କ'ଣ କରନ୍ତୁ ନାହିଁ'** ମନେ ରଖନ୍ତୁ

**କରନ୍ତୁ**

- UPI ଆପ୍ ଅପଡେଟ୍ ରଖନ୍ତୁ।
- ଏହାକୁ ଗ୍ରହଣ କରିବା ପୂର୍ବରୁ ସର୍ବଦା ବ୍ୟବସାୟୀ/ବ୍ୟକ୍ତିଙ୍କ ସଂଗ୍ରହ ଅନୁରୋଧ ସମୀକ୍ଷା କରନ୍ତୁ।
- ପ୍ରେରଣ କରିବା ପୂର୍ବରୁ ରାଶି ଏବଂ ହିତାଧିକାରୀଙ୍କୁ ପୁନଃ ଯାଞ୍ଚ୍ ଏବଂ ପୁନଃ ନିଶ୍ଚିତ କରନ୍ତୁ।

**କରନ୍ତୁ ନାହିଁ**

- ଆପଣଙ୍କ ପିନ୍ କେବେ ବି କାହାକୁ ଜଣାନ୍ତୁ ନାହିଁ।
- ପ୍ରଥମେ ପ୍ରାପ୍ତକାରୀଙ୍କୁ ଯାଞ୍ଚ/ ପୁନଃନିଶ୍ଚିତ ନକରି ଟଙ୍କା ଟ୍ରାନ୍ସଫର କରିବାରୁ ଦୂରେଇ ରୁହନ୍ତୁ।

# ବାର୍ତ୍ତା 14 ଇଲେକ୍ଟ୍ରୋନିକ୍ ବ୍ୟାଙ୍କିଂ କାରବାର ପାଇଁ କ'ଣ କରିବେ ଏବଂ କ'ଣ କରିବେ ନାହିଁ




## କରନ୍ତୁ

- ପେମେଣ୍ଟ କରିବା ସମୟରେ ସର୍ବଦା ବିଶ୍ୱସ୍ତ ବ୍ରାଉଜର୍ ଏବଂ HTTPS ସୁରକ୍ଷିତ (S ର ଅର୍ଥ ସୁରକ୍ଷିତ) ୱେବସାଇଟ୍ ବ୍ୟବହାର କରି ଆପଣଙ୍କ ବ୍ୟାଙ୍କର URL ଟାଇପ୍ କରନ୍ତୁ। URL ୱିଣ୍ଡୋରେ ସୁରକ୍ଷିତ ସଙ୍କେତ (ଲକ୍ ଚିହ୍ନ) ସନ୍ଧାନ କରନ୍ତୁ।
- ଆଲ୍ଫାନ୍ୟୁମେରିକ୍ ଏବଂ ସ୍ୱତନ୍ତ୍ର ଅକ୍ଷର (#, *, @, $ ଇତ୍ୟାଦି) ବ୍ୟବହାର କରି ଆପଣଙ୍କ ପାସୱାର୍ଡଗୁଡିକ ଅନୁମାନ କରିବା କଷ୍ଟକର କରନ୍ତୁ।
- ନିଶ୍ଚିତ କରନ୍ତୁ ଯେ ଆପଣ ଆପଣଙ୍କ ପାସୱାର୍ଡ୍ ବାରମ୍ବାର ପରିବର୍ତ୍ତନ କରନ୍ତି।
- ସର୍ବଦା ଆପଣଙ୍କ ଦେୟ କାରବାର ଆପ୍ଲିକେସନ୍ (ବ୍ୟାଙ୍କ, ଅଣ-ବ୍ୟାଙ୍କ, ୱାଲେଟ୍ ଇତ୍ୟାଦି) ନୂତନ  ସଂସ୍କରଣ ସହିତ ଅପଡେଟ୍ ରଖନ୍ତୁ।
- ଆପଣଙ୍କ ମୋବାଇଲ୍ ନମ୍ବର ଏବଂ ଇମେଲ୍ ଆଇଡିକୁ ଆପଣଙ୍କ ବ୍ୟାଙ୍କ ଆକାଉଣ୍ଟ ସହ ଲିଙ୍କ୍ କରନ୍ତୁ ଏବଂ ଏସ ଏମ ଏସ /ଇ-ମେଲ୍ ଆଲର୍ଟ ସେବା ଚୟନ କରନ୍ତୁ।
- କୌଣସି ଅସ୍ୱାଭାବିକ/ଅନଧିକୃତ କାରବାର ହେଲେ ତୁରନ୍ତ ବ୍ୟାଙ୍କକୁ ସୂଚନା ଦିଅନ୍ତୁ।

## କରନ୍ତୁ ନାହିଁ

- ଅନଲାଇନ୍ ସର୍ଚ୍ଚ ଜରିଆରେ କେବେ ବି ଆପଣଙ୍କ ବ୍ୟାଙ୍କର ୱେବସାଇଟକୁ ଆକସେସ୍ କରନ୍ତୁ ନାହିଁ।
- ଫୋନ୍ ରେ ଲଗଇନ୍ ସୂଚନା କେବେ ବି ରଖନ୍ତୁ ନାହିଁ। ସେହିପରି ଅବିଶ୍ୱସନୀୟ ପୋର୍ଟାଲ୍ / ସେବା ପ୍ରଦାନକାରୀ ପୋର୍ଟାଲରେ ଲଗଇନ୍ ସୂଚନା ପ୍ରବେଶ/ ଷ୍ଟୋର୍ କରନ୍ତୁ ନାହିଁ।
- ସାର୍ବଜନୀନ ଡିଭାଇସ୍, ସାଇବର କାଫେ ଏବଂ ସର୍ବସାଧାରଣ/ ମାଗଣା ୱାଇଫାଇ ପରି ଅସୁରକ୍ଷିତ / ଖୋଲା ନେଟୱାର୍କରେ ବ୍ୟାଙ୍କିଂ କାରବାରରୁ ଦୂରେଇ ରୁହନ୍ତୁ।
- ଆପଣଙ୍କ ମୋବାଇଲ୍ ବ୍ୟାଙ୍କିଂ ପିନ୍ କିମ୍ବା ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗ୍ ଆଇଡି, ପାସୱାର୍ଡ୍ ଏବଂ ଓଟିପି କେବେ ବି କାହା ସହିତ ସେୟାର କରନ୍ତୁ ନାହିଁ (ବ୍ୟାଙ୍କ କର୍ମଚାରୀଙ୍କ ସମେତ)।

# ବାର୍ତ୍ତା 15 { ଏଟିଏମ କାରବାର ପାଇଁ କ'ଣ କରିବେ ଏବଂ କ'ଣ କରିବେ ନାହିଁ }

ଯଦି କାର୍ଡ ହଜିଯାଏ କିମ୍ବା ଚୋରି ହୁଏ କିମ୍ବା ଯଦି ଆପଣ ଅନୁଭବ କରନ୍ତି ଯେ ଏହା ଆପତ୍ତିଜନକ ହୋଇଛି ତେବେ ଏହାକୁ ବ୍ଲକ କରିବାକୁ ତୁରନ୍ତ ଆପଣଙ୍କ ବ୍ୟାଙ୍କ ସହ ଯୋଗାଯୋଗ କରନ୍ତୁ।




ଏଟିଏମ୍ ଟ୍ରାଞ୍ଜାକସନ୍ ପାଇଁ ନିମ୍ନଲିଖିତ **କ'ଣ** କରିବେ **ଏବଂ କ'ଣ କରିବେ ନାହିଁ** ତାହା ପ୍ରତି ଧ୍ୟାନ ଦିଅନ୍ତୁ

## କରନ୍ତୁ

- ନିଶ୍ଚିତ କରନ୍ତୁ ଯେ ଆପଣ ଏକ ଚୁମ୍ବକୀୟ ଷ୍ଟ୍ରିପ୍ ସହିତ କାର୍ଡ ପରିବର୍ତ୍ତେ କେବଳ ଇଏମଭି ଚିପ୍ ଏବଂ PIN ଆଧାରିତ ଡେବିଟ୍ କାର୍ଡ ବ୍ୟବହାର କରନ୍ତି (ଚୁମ୍ବକୀୟ ଷ୍ଟ୍ରିପ୍ କାର୍ଡ ବଦଳାଇବା ପାଇଁ ଆପଣଙ୍କ ବ୍ୟାଙ୍କକୁ ଯୋଗାଯୋଗ କରନ୍ତୁ)।
- ନିଶ୍ଚିତ କରନ୍ତୁ ଯେ ଆପଣ ଆପଣଙ୍କ PIN କୁ କୀ-ଇନ୍ କରିବା ସମୟରେ କିମ୍ବା ଆପଣଙ୍କ କାର୍ଡ୍ ସ୍ୱାଇପ୍ କରିବା ସମୟରେ ଏଟିଏମ୍ ନିକଟରେ କୌଣସି ଅନଧିକୃତ କ୍ୟାମେରା କିମ୍ବା ଅନ୍ୟ ସ୍କିମିଂ ଡିଭାଇସ୍ ନାହିଁ।
- ଏଟିଏମ୍ ରେ ପିନ୍ ପ୍ରବେଶ କରିବା ସମୟରେ ଯେପରି କେହି ଦେଖିବେ ନାହିଁ ତାହା ନିଶ୍ଚିତ କରନ୍ତୁ। ଗୋଟିଏ ହାତରେ କିପ୍ୟାଡ୍ କୁ ଘୋଡ଼ାଇ ଅନ୍ୟ ହାତରେ ଆପଣଙ୍କ PIN କୁ କି-ଇନ୍ କରିବା ପାଇଁ ବ୍ୟବହାର କରିବା ଏକ ଭଲ ଅଭ୍ୟାସ ଅଟେ।
- ବିତରଣ ହୋଇଥିବା ନୋଟ୍ ଗୁଡ଼ିକୁ ଗଣନା କରି ଯାଞ୍ଚ କରିବାକୁ ମନେରଖନ୍ତୁ।
- କାରବାର ଶେଷ ହେବା ପରେ ଆପଣଙ୍କ କାର୍ଡ୍ ସଂଗ୍ରହ କରିବାକୁ ମନେ ରଖନ୍ତୁ।
- ଏଟିଏମ୍ କାରବାର ଉପରେ ସତର୍କ ସୂଚନା ପାଇବା ପାଇଁ କାର୍ଡ ପ୍ରଦାନକାରୀ ବ୍ୟାଙ୍କରେ ଆପଣଙ୍କ ଫୋନ୍ ନମ୍ବର ପଞ୍ଜିକରଣ କରନ୍ତୁ।
- ଯଦି କାର୍ଡ ହଜିଯାଏ କିମ୍ବା ଚୋରି ହୋଇଯାଏ କିମ୍ବା ଯଦି ଆପଣ ଅନୁଭବ କରନ୍ତି ଯେ ଏହା ଆପତ୍ତିଜନକ ହୋଇଛି ତେବେ ଏହାକୁ ବ୍ଲକ୍ କରିବାକୁ ତୁରନ୍ତ ଆପଣଙ୍କ ବ୍ୟାଙ୍କ ସହ ଯୋଗାଯୋଗ କରନ୍ତୁ।

**ଟିପ୍ପଣୀ:**
ଯଦି ଆପଣଙ୍କର ବିଫଳ ଏଟିଏମ କାରବାର ସମ୍ବନ୍ଧୀୟ କୌଣସି ଅଭିଯୋଗ ଅଛି, ତୁରନ୍ତ କାର୍ଡ ଜାରି କରିଥିବା ବ୍ୟାଙ୍କର ନଜରକୁ ଆଣନ୍ତୁ। ବ୍ୟାଙ୍କ୍ ମାନଙ୍କୁ ବିଫଳ ଏଟିଏମ୍ ଟ୍ରାଞ୍ଜାକସନ୍ କୁ ଟି+୫ ଦିନ ମଧ୍ୟରେ ସମାଧାନ କରିବାକୁ ପଡ଼ିବ ନଚେତ୍ ଆପଣଙ୍କୁ ଦୈନିକ ୧୦୦ ଟଙ୍କା ହିସାବରେ କ୍ଷତିପୂରଣ ଦିଆଯିବ

**କରନ୍ତୁ ନାହିଁ**

- ଆପଣଙ୍କ ଏଟିଏମ୍ କାର୍ଡ ବିବରଣୀ (କାର୍ଡ ନମ୍ବର, ସମାପ୍ତ ତାରିଖ ଏବଂ ସିଭିଭି ଇତ୍ୟାଦି) ଏବଂ PIN କାହା ସହିତ ସେୟାର କରନ୍ତୁ ନାହିଁ।
- ଏଟିଏମ୍ ରେ କାର୍ଡ କେବେ ବି ଛାଡ଼ନ୍ତୁ ନାହିଁ।
- ନିଜର ଓଟିପି କେବେ ବି କାହା ସହ ସେୟାର କରନ୍ତୁ ନାହିଁ।
- କାର୍ଡ ଉପରେ ନିଜର PIN କେବେବି ଲେଖନ୍ତୁ ନାହିଁ।

## ବାର୍ତ୍ତା 16 { ଜାଲିଆତି (ଡିଜିଟାଲ) କାରବାର ହେଲେ ଗ୍ରାହକ ଉତ୍ତରଦାୟିତା }

କୌଣସି ଇଲେକ୍ଟ୍ରୋନିକ୍/ଏଟିଏମ୍ ଟ୍ରାଞ୍ଜାକସନ୍ କରିବା ସମୟରେ ଅସାବଧାନତା କିମ୍ବା ଠକେଇ କାରଣରୁ କ୍ଷତି ସହିବାର ସମ୍ଭାବନା ରହିଛି।

### ଆପଣଙ୍କ ବ୍ୟାଙ୍କକୁ ସୂଚନା ଦିଅନ୍ତୁ

- କାହାର ଦୋଷ ହେଉ ନା କାହିଁକି, ଯଦି ଆପଣ ଆପଣଙ୍କ ଆକାଉଣ୍ଟ/କାର୍ଡରେ କୌଣସି ଜାଲିଆତି କିମ୍ବା ଅନଧିକୃତ ଇଲେକ୍ଟ୍ରୋନିକ୍ ବ୍ୟାଙ୍କିଙ୍ଗ କାରବାରର ସମ୍ମୁଖୀନ ହୁଅନ୍ତି ତେବେ ତୁରନ୍ତ ଆପଣଙ୍କ ବ୍ୟାଙ୍କକୁ ସୂଚନା ଦିଅନ୍ତୁ।
- ଆପଣ ବ୍ୟାଙ୍କକୁ ସୂଚିତ କରିବାକୁ ଯେତେ ସମୟ ଅଧିକ ନିଅନ୍ତି, ଆପଣଙ୍କୁ କିମ୍ବା ଆପଣଙ୍କ ବ୍ୟାଙ୍କକୁ ସେତେ କ୍ଷତି ଅଧିକ ହୋଇଥାଏ।

### ବ୍ୟାଙ୍କର ଦାୟିତ୍ୱ

ଯଦି ଆପଣ ବ୍ୟାଙ୍କକୁ ଜଣାଇବା ପରେ ମଧ୍ୟ ଠକେଇ କାରବାର ଜାରି ରହେ, ତେବେ ବ୍ୟାଙ୍କକୁ କ୍ଷତି ସହିବାକୁ ପଡ଼ିବ।

- ଯେତେବେଳେ ଆପଣ ବ୍ୟାଙ୍କକୁ ସୂଚନା ଦିଅନ୍ତି, ସେତେବେଳେ ବ୍ୟାଙ୍କକୁ ଆପଣଙ୍କର ଅଭିଯୋଗ ପାଇଁ ଆପଣଙ୍କୁ ଏକ ସ୍ୱୀକୃତି ପ୍ରଦାନ କରିବାକୁ ପଡ଼ିବ।
- ବ୍ୟାଙ୍କ ୯୦ ଦିନ ମଧ୍ୟରେ ଆପଣଙ୍କ ଅଭିଯୋଗର ସମାଧାନ କରିବା ଜରୁରୀ।
- ଗ୍ରାହକଙ୍କ ଠାରୁ ସୂଚନା ପାଇବାର ୧୦ କାର୍ଯ୍ୟଦିବସ ମଧ୍ୟରେ ବ୍ୟାଙ୍କକୁ ସଂପୃକ୍ତ ରାଶିକୁ ଗ୍ରାହକଙ୍କ ଆକାଉଣ୍ଟରେ ଜମା କରିବାକୁ ପଡ଼ିବ।

### ସୀମିତ ଦାୟିତ୍ୱ

- ଯଦି ଗ୍ରାହକଙ୍କ ଅବହେଳା (ପାସୱାର୍ଡ ସେୟାର ଇତ୍ୟାଦି) କାରଣରୁ କ୍ଷତି ହୋଇଥାଏ ତେବେ ବ୍ୟାଙ୍କକୁ ଅବଗତ ନ କରାଇବା ପର୍ଯ୍ୟନ୍ତ ଗ୍ରାହକ କ୍ଷତି ସହିବେ।
  - ଯଦି ଗ୍ରାହକଙ୍କ କୌଣସି ଦୋଷ ନଥାଏ, ଏବଂ ଗ୍ରାହକ ତୁରନ୍ତ ବ୍ୟାଙ୍କକୁ ସୂଚନା ଦିଅନ୍ତି (ଅନଧିକୃତ କାରବାରର ୩ କାର୍ଯ୍ୟଦିବସ ମଧ୍ୟରେ), ଗ୍ରାହକ କୌଣସି କ୍ଷତି ସହିବେ ନାହିଁ।
  - ବ୍ୟାଙ୍କର ଅବହେଳା/ ତ୍ରୁଟି କ୍ଷେତ୍ରରେ (ଗ୍ରାହକଙ୍କ ଦ୍ୱାରା କାରବାର ରିପୋର୍ଟ ହେଉ କିମ୍ବା ନ ହେଉ) ଗ୍ରାହକ କୌଣସି କ୍ଷତି ସହିବେ ନାହିଁ।
  - ତୃତୀୟ ପକ୍ଷ ଉଲ୍ଲଂଘନ କ୍ଷେତ୍ରରେ ଯେଉଁଠାରେ ଗ୍ରାହକ କିମ୍ବା ବ୍ୟାଙ୍କର କୌଣସି ଭୁଲ ନ ଥିବ କିନ୍ତୁ ସିଷ୍ଟମରେ ତ୍ରୁଟି ଥିବ ଏବଂ ଗ୍ରାହକ (ଅନଧିକୃତ କାରବାରର 3 କାର୍ଯ୍ୟଦିବସ ମଧ୍ୟରେ) ବ୍ୟାଙ୍କକୁ ସୂଚନା ଦିଅନ୍ତି, ତେବେ ଗ୍ରାହକ କୌଣସି କ୍ଷତି ସହିବେ ନାହିଁ।

ଯେଉଁ କ୍ଷେତ୍ରରେ ଅନଧିକୃତ ଇଲେକ୍ଟ୍ରୋନିକ୍ ବ୍ୟାଙ୍କିଂ କାରବାରର ତ୍ରୁଟି ବ୍ୟାଙ୍କ୍ କିମ୍ବା ଗ୍ରାହକଙ୍କ ଉପରେ ନଥାଏ, ବରଂ ବ୍ୟବସ୍ଥାର ଅନ୍ୟ ସ୍ଥାନରେ ରହିଥାଏ ଏବଂ ଯେତେବେଳେ ଗ୍ରାହକଙ୍କ ପକ୍ଷରୁ ଏଭଳି କାରବାର ବିଷୟରେ ବ୍ୟାଙ୍କକୁ ଅବଗତ କରିବାରେ ବିଳମ୍ବ ହୁଏ (ବ୍ୟାଙ୍କରୁ ଯୋଗାଯୋଗ ପାଇବାର ଚାରିରୁ ସାତ ଦିନ ମଧ୍ୟରେ) ତେବେ ଗ୍ରାହକଙ୍କର ପ୍ରତି ଟ୍ରାଞ୍ଜାକସନ୍ ପାଇଁ ସର୍ବାଧିକ କ୍ଷତି ଟ୍ରାଞ୍ଜାକସନ୍ ମୂଲ୍ୟ କିମ୍ବା ନିମ୍ନରେ ଦର୍ଶାଯାଇଥିବା ରାଶି (ଯେଉଁଟି କମ୍) ମଧ୍ୟରେ ସୀମିତ ରହିବ।

| ଆକାଉଣ୍ଟ ପ୍ରକାର | ସର୍ବାଧିକ କ୍ଷତି |
|---|---|
| • BSBD ଆକାଉଣ୍ଟ | ₹5000/- |
| • ଅନ୍ୟ ସମସ୍ତ SB ଆକାଉଣ୍ଟ<br>• ପ୍ରି-ପେଡ୍ ପେମେଣ୍ଟ ଉପକରଣ ଏବଂ ଉପହାର କାର୍ଡ<br>• ଏମ୍‌ଏସ୍‌ଏମ୍‌ଇ ଗୁଡ଼ିକର କରେଣ୍ଟ /ନଗଦ କ୍ରେଡିଟ୍/ଓଭରଡ୍ରାଫ୍ଟ ଆକାଉଣ୍ଟ<br>• ବାର୍ଷିକ ହାରାହାରି ବାଲାନ୍ସ ଥିବା ବ୍ୟକ୍ତିମାନଙ୍କର କରେଣ୍ଟ ଆକାଉଣ୍ଟ/କ୍ୟାସ୍ କ୍ରେଡିଟ୍/ଓଭରଡ୍ରାଫ୍ଟ ଆକାଉଣ୍ଟ୍ (ଠକେଇ ଘଟଣାର ୩୬୫ ଦିନ ପୂର୍ବରୁ)/ସୀମା ୨୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ<br>• ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୀମା ବିଶିଷ୍ଟ କ୍ରେଡିଟ୍ କାର୍ଡ | ₹10000/- |
| • ଅନ୍ୟ ସମସ୍ତ କରେଣ୍ଟ / କ୍ୟାସ କ୍ରେଡିଟ୍ / ଓଭରଡ୍ରାଫ୍ଟ ଆକାଉଣ୍ଟ<br>• ୫ ଲକ୍ଷ ଟଙ୍କାରୁ ଅଧିକ ସୀମା ବିଶିଷ୍ଟ କ୍ରେଡିଟ୍ କାର୍ଡ | ₹25000/- |

**ସାବଧାନ!**

ଯଦି ଆପଣଙ୍କ ଅବହେଳା କାରଣରୁ ଅର୍ଥାତ୍ ପାସୱାର୍ଡ, ପିନ୍, ଓଟିପି ଇତ୍ୟାଦି ସେୟାର କରିବା କାରଣରୁ ଠକେଇ ହୋଇଥିବ, ତେବେ ବ୍ୟାଙ୍କରେ ରିପୋର୍ଟ କରିବା ପର୍ଯ୍ୟନ୍ତ ଆପଣ କ୍ଷତି ସହିବେ।



**ମନେ ରଖନ୍ତୁ**

ଜାଲ୍ କାରବାର ବିଷୟରେ ତୁରନ୍ତ ଜଣାଇବା ପାଇଁ ଆପଣଙ୍କ ବ୍ୟାଙ୍କର ଯୋଗାଯୋଗ ବିବରଣୀ ପାଖରେ ରଖନ୍ତୁ।

ଆର୍ଥିକ ସଚେତନତା ବାର୍ତ୍ତା

# ଉପଭୋକ୍ତା ସୁରକ୍ଷା



ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଏବଂ ବିକାଶ ବିଭାଗ, ଭାରତୀୟ ରିଜର୍ଭ ବ୍ୟାଙ୍କ

## ବାର୍ତ୍ତା 17 { ଭୁଲ ଉପାୟରେ ବିକ୍ରୟ }




### ମନେରଖନ୍ତୁ

- ସଞ୍ଚୟକୁ ବୀମା ସହିତ ମିଶ୍ରଣ ନକରିବା ଏକ ଭଲ ଅଭ୍ୟାସ। ଆପଣ ନିଜର ବୀମା ଆବଶ୍ୟକତା ଏବଂ ବିନିଯୋଗ ଆବଶ୍ୟକତାକୁ ପୃଥକ୍ ଭାବରେ ଆକଳନ କରନ୍ତୁ।
- ଯଦି ଆପଣ ଆବଶ୍ୟକ କରନ୍ତି ତେବେ ଏକ ବୀମା ପଲିସି କିମ୍ବା ବିନିଯୋଗ ଉତ୍ପାଦ ନିଅନ୍ତୁ। ବ୍ୟାଙ୍କ ଆପଣଙ୍କୁ ଏଥିରୁ ଗୋଟିଏ ନେବାକୁ ବାଧ କରିପାରିବ ନାହିଁ!
- ଦସ୍ତଖତ କରିବା ପୂର୍ବରୁ ଆବେଦନ ଫର୍ମଗୁଡ଼ିକ ଭଲ ଭାବରେ ପଢ଼ନ୍ତୁ। ଖାଲି ଫର୍ମରେ ଦସ୍ତଖତ କରନ୍ତୁ ନାହିଁ।
- ଯଦି ବ୍ୟାଙ୍କ ଆପଣଙ୍କୁ ଏକ ଉତ୍ପାଦ ବିକ୍ରୟ କରିଛି ଯାହାକୁ ଆପଣ ମାଗି ନାହାଁନ୍ତି କିମ୍ବା ସେହି ଉତ୍ପାଦ ସମ୍ବନ୍ଧରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ/ ସର୍ତ୍ତାବଳୀ / ଧାରା ଇତ୍ୟାଦି ଜଣାଇ ନାହିଁ, ତେବେ ବ୍ୟାଙ୍କରେ ଅଭିଯୋଗ କରିବାକୁ କୁଣ୍ଠାବୋଧ କରନ୍ତୁ ନାହିଁ ଏବଂ ଯଦି ଆପଣ ବ୍ୟାଙ୍କର ପ୍ରତିକ୍ରିୟାରେ ସନ୍ତୁଷ୍ଟ ନୁହଁନ୍ତି, ତେବେ ଭାରତୀୟ ରିଜର୍ଭ ବ୍ୟାଙ୍କର ଲୋକପାଳଙ୍କ ନିକଟରେ ଲିଖିତ ଆକାରରେ କିମ୍ବା ଭାରତୀୟ ରିଜର୍ଭ ବ୍ୟାଙ୍କର ଅଭିଯୋଗ ପରିଚାଳନା ବ୍ୟବସ୍ଥାରେ ଅଭିଯୋଗ କରାଯାଇପାରିବ (ବାର୍ତ୍ତା-21 ଏବଂ 22 କୁ ଅନୁସରଣ କରନ୍ତୁ)।
- ବ୍ୟାଙ୍କ ମାନେ ନିଜ ଶାଖାଗୁଡ଼ିକରେ ଲୋକପାଳ ସମ୍ବନ୍ଧୀୟ ବିବରଣୀ ପ୍ରଦର୍ଶନ କରିବା ଆବଶ୍ୟକ।

# ବାର୍ତ୍ତା 18 { ସଚେତ୍ ପୋର୍ଟାଲ୍ }




## ତେବେ ଆପଣ କ'ଣ କରିପାରିବେ?

- କେବଳ ଆରବିଆଇ, SEBI, IRDAI, PFRDA କିମ୍ବା ସରକାରଙ୍କ ଦ୍ୱାରା ପଞ୍ଜୀକୃତ କିମ୍ବା ନିୟନ୍ତ୍ରିତ ସଂସ୍ଥାଗୁଡ଼ିକ ରେ ବିନିଯୋଗ କିମ୍ବା ଜମା କରନ୍ତୁ।
- ଅତ୍ୟଧିକ ରିଟର୍ଣ୍ଣ ପ୍ରତିଶ୍ରୁତି ଦେଉଥିବା ଯୋଜନାଗୁଡ଼ିକ ଦ୍ୱାରା ପ୍ରତାରିତ ହୁଅନ୍ତୁ ନାହିଁ; ସେଗୁଡ଼ିକ ପ୍ରତାରଣାକାରୀ ଯୋଜନା ହୋଇପାରନ୍ତି।
- ବ୍ୟାଙ୍କଗୁଡ଼ିକର ଧାର୍ଯ୍ୟ ହାରଠାରୁ କମ୍ ହାରରେ ଋଣ ପ୍ରଦାନ କରୁଥିବା ସଂସ୍ଥାଗୁଡ଼ିକରୁ ଋଣ ନିଅନ୍ତୁ ନାହିଁ। ସେମାନେ କେବଳ ପ୍ରକ୍ରିୟାକରଣ ଶୁଳ୍କ ସଂଗ୍ରହ କରି ଅଦୃଶ୍ୟ ହୋଇପାରନ୍ତି!

କୌଣସି ସଂସ୍ଥା ଯଦି ଜମା ଟଙ୍କା ଫେରସ୍ତ କରୁନାହିଁ କିମ୍ବା ଅନ୍ୟ କିଛି ଯୋଜନା ନାମରେ ଜମା ସଂଗ୍ରହ କରୁଛି, ତାହା ବିରୁଦ୍ଧରେ ସୂଚନା କିମ୍ବା ଅଭିଯୋଗ ରିପୋର୍ଟ କରିବାକୁ www.sachet.rbi.org.in ପରିଦର୍ଶନ କରନ୍ତୁ।

## ବାର୍ତ୍ତା 19 {ଏତେ ଭଲ ଯେ ବିଶ୍ୱାସ କରିବା କଷ୍ଟକର କି?}

### ଯେପରି କୁହାଯାଏ ଯେ

'କୌଣସି ଜିନିଷ ମାଗଣାରେ ମିଳେ ନାହିଁ।' ଯଦି କେହି ମାଗଣା ଟଙ୍କା କିମ୍ବା ଲଟେରୀ ପୁରସ୍କାର ର ପ୍ରତିଶୃତି ଦେଉଛନ୍ତି ଯାହା ଆପଣ କେବେ କିଣି ନାହାନ୍ତି, ତା'ହେଲେ ଆପଣ ନିଶ୍ଚୟ ଟିକେ ସମୟ ନେଇ ଚିନ୍ତା କରନ୍ତୁ - କାହିଁକି? ଏହା କଣ  ସତ୍ୟ?







### ଏସବୁର ଶିକାର ହୁଅ ନାହିଁ! ମନେରଖନ୍ତୁ:

- ଆରବିଆଇ / ବ୍ୟାଙ୍କଗୁଡ଼ିକ ଆପଣଙ୍କ ବ୍ୟାଙ୍କ ଆକାଉଣ୍ଟ / କ୍ରେଡିଟ କାର୍ଡ / ଡେବିଟ୍ କାର୍ଡର ବିବରଣୀ, PIN ଏବଂ OTP ଇତ୍ୟାଦି ଇମେଲ୍ / SMS କିମ୍ବା ଫୋନ୍ କଲ୍ ମାଧ୍ୟମରେ କେବେ ପଚାରନ୍ତି ନାହିଁ।
- ଆରବିଆଇ  କୌଣସି ବ୍ୟକ୍ତି ବିଶେଷର ସେଭିଂ ଆକାଉଣ୍ଟ / ଚାଲୁ  ଆକାଉଣ୍ଟ / ମିଆଦୀ ଜମା ଖାତା ଖୋଲେନାହିଁ କିମ୍ବା କ୍ରେଡିଟ୍ / ଡେବିଟ୍ କାର୍ଡ ପ୍ରଦାନ କରେ ନାହିଁ କିମ୍ବା କୌ ଣସି ବ୍ୟକ୍ତିବିଶେଷଙ୍କ ସହିତ କୌ ଣସି ଆର୍ଥିକ କାରବାରରେ ନିୟୋଜିତ ହୁଏ ନାହିଁ।

**ସଂଦେହଜନକ ପ୍ରଲୋଭନରୁ ସାବଧାନ ରୁହନ୍ତୁ।**

**କେବେବି ଆପଣଙ୍କର ଖାତା ସମ୍ବନ୍ଧୀୟ ବିବରଣୀ କାହାକୁ ପ୍ରଦାନ କରନ୍ତୁ ନାହିଁ।**



ଆରବିଆଇ କେହତା ହେ  ଏବଂ ଆରବିଆଇ ସେ (**RBISAY)**

ଆର୍ଥିକ ସାକ୍ଷରତା ଏବଂ ଉପଭୋକ୍ତା ସୁରକ୍ଷା ବିଷୟରେ ଜନସାଧାରଣଙ୍କୁ ଶିକ୍ଷା ଦେବା ପାଇଁ ଆରବିଆଇ ଗଣମାଧ୍ୟମ ଜରିଆରେ ଏକ ଜନସଚେତନତା ଅଭିଯାନ (ଏସଏମଏସ, ଇଲେକ୍ଟ୍ରୋନିକ ଏବଂ ପ୍ରିଣ୍ଟ ମିଡିଆ, ଫେସବୁକ ଏବଂ ଟ୍ୱିଟର) ଆରମ୍ଭ କରିଛି।

SMS ଅଭିଯାନ ପାଇଁ, ଆରବିଆଇ **'RBISAY'** ID ରୁ ବାର୍ତ୍ତା ପଠାଏ। ଅଧିକ ବିବରଣୀ ପାଇଁ **14440**କୁ କଲ୍ କରନ୍ତୁ।

# ବାର୍ତ୍ତା 20 { ଜମା ବୀମା }

## ବ୍ୟାଙ୍କଗୁଡ଼ିକରେ ରଖାଯାଉଥିବା ଜମା ସୁରକ୍ଷିତ କି?

ହଁ, ବୀମାଭୁକ୍ତ ସୀମା ପର୍ଯ୍ୟନ୍ତ, ଜମା ସୁରକ୍ଷିତ ଅଟେ। ଆପଣଙ୍କର ଜମା, ଜମା ବୀମା ଏବଂ କ୍ରେଡିଟ୍ ଗ୍ୟାରେଣ୍ଟି କର୍ପୋରେସନ୍ (DICGC) ଦ୍ୱାରା ବୀମାଭୁକ୍ତ ଅଟେ ଯାହାକି ଆରବିଆଇର ସମ୍ପୂର୍ଣ୍ଣ ମାଲିକାନା ପ୍ରାପ୍ତ ଏକ ସଂସ୍ଥା ଅଟେ।

## କେଉଁ ବ୍ୟାଙ୍କଗୁଡ଼ିକ ଅନ୍ତର୍ଭୁକ୍ତ?

ବାଣିଜ୍ୟିକ ବ୍ୟାଙ୍କଗୁଡ଼ିକ ଯେପରିକି ବେସରକାରୀ ବ୍ୟାଙ୍କ, ପବ୍ଲିକ ସେକ୍ଟର ବ୍ୟାଙ୍କ, ଭାରତରେ ଥିବା ବିଦେଶୀ ବ୍ୟାଙ୍କ, ସ୍ଥାନୀୟ କ୍ଷେତ୍ର ବ୍ୟାଙ୍କ, କ୍ଷୁଦ୍ର ଅର୍ଥ ବ୍ୟାଙ୍କ, ପେମେଣ୍ଟ ବ୍ୟାଙ୍କ, ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କ ଏବଂ ସମବାୟ ବ୍ୟାଙ୍କ ଯଥା: DICGC ଦ୍ୱାରା ପଞ୍ଜୀକୃତ ଏବଂ ବୀମାଭୁକ୍ତ ହୋଇଥିବା ରାଜ୍ୟ ସମବାୟ ବ୍ୟାଙ୍କ, ଜିଲ୍ଲା କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ଏବଂ ସହରୀ ସମବାୟ ବ୍ୟାଙ୍କସମୂହ। ଆରବିଆଇ ଦ୍ୱାରା ଲାଇସେନ୍ସପ୍ରାପ୍ତ ସମସ୍ତ ବ୍ୟାଙ୍କ ପାଇଁ ଜମା ବୀମା କଭର ଉପଲବ୍ଧ କରିବା ବାଧ୍ୟତାମୂଳକ।

## କେଉଁ ଜମା ଅନ୍ତର୍ଭୁକ୍ତ?




DICGC ସମସ୍ତ ପ୍ରକାରର ଜମା (ଯଥା: ସଞ୍ଚୟ, ମିଆଦୀ, ଆବର୍ତ୍ତ ଇତ୍ୟାଦି) ପାଇଁ ଏକ ବୀମା ବ୍ୟାଙ୍କ ସହିତ ବୀମା କରେ କିନ୍ତୁ ବିଦେଶୀ ସରକାରଙ୍କ ଜମା, କେନ୍ଦ୍ର ସରକାର, ରାଜ୍ୟ ସରକାର, ଅନ୍ୟ କୌଣସି ବ୍ୟାଙ୍କର ଜମା କିମ୍ବା ଭାରତ ବାହାରୁ ପ୍ରାପ୍ତ ଜମାର ବୀମା କରେନାହିଁ। ବ୍ୟାଙ୍କରେ ଖାତା ଥିବା ପ୍ରତ୍ୟେକ ଜମାକାରୀ ଉଭୟ ମୂଳଧନ ଏବଂ ସୁଧ ରାଶି ଉପରେ ସର୍ବାଧିକ 5 ଲକ୍ଷ ପର୍ଯ୍ୟନ୍ତ “ସମାନ ଅଧିକାର ଏବଂ ସମାନ କ୍ଷମତା” ଆଧାରରେ ବୀମାଭୁକ୍ତ ହୋଇଥାନ୍ତି।

## ଏହି ବୀମା ପାଇଁ ମୋତେ ପ୍ରିମିୟମ ଦେବାକୁ ପଡ଼ିବ କି?

ଆପଣଙ୍କୁ କୌଣସୀ ପ୍ରିମିୟମ ଦେବାକୁ ପଡ଼ିବ ନାହିଁ। ତଥାପି, DICGC ବ୍ୟାଙ୍କ ମାନଙ୍କ ପାଖରୁ ଏକ ନାମମାତ୍ର ପ୍ରିମିୟମ ଆଦାୟ କରେ। ବ୍ୟାଙ୍କର ଅନ୍ୟାନ୍ୟ ଫି ପରି, ଏହି ପ୍ରିମିୟମ ଆପଣଙ୍କ ଠାରୁ ଆଦାୟ କରାଯାଏ ନାହିଁ।

## ମୁଁ କ'ଣ କରିବା ଆବଶ୍ୟକ?

- ଏକ ବ୍ୟାଙ୍କର ଜମାକାରୀ ଭାବରେ, ଆପଣ ଆପଣଙ୍କର ବ୍ୟାଙ୍କ DICGC ଦ୍ୱାରା ବୀମାଭୁକ୍ତ ବ୍ୟାଙ୍କ ତାଲିକାରେ ଅନ୍ତର୍ଭୁକ୍ତ କି ନାହିଁ ଯାଞ୍ଚ୍ କରିପାରିବେ।
- ବ୍ୟାଙ୍କରେ ଖାତା ଖୋଲିବା ପାଇଁ ଆପଣଙ୍କୁ ସମସ୍ତ KYC ଆବଶ୍ୟକତା ମଧ୍ୟ ପାଳନ କରିବାକୁ ପଡ଼ିବ ଏବଂ ଜମା ନେଉଥିବା ବ୍ୟାଙ୍କ ସହିତ ସମସ୍ତ ତଥ୍ୟ ଦେବାକୁ ପଡ଼ିବ ଯାହାଦ୍ୱାରା DICGC ଦ୍ୱାରା ଆବଶ୍ୟକ ପଡ଼ିଲେ କ୍ଲେମ୍ ସେଟେଲମେଣ୍ଟ ଅବିଳମ୍ବେ ହୋଇ ପାରିବ।

## ଯଦି ବ୍ୟାଙ୍କ ଆରବିଆଇ ଦ୍ୱାରା ବାତିଲ ହୁଏ ତେବେ ମୋର ଜମା ର କ'ଣ ହେବ?

ଯଦି କୌଣସି  ବ୍ୟାଙ୍କର ପରିସମାପ୍ତି ଘୋଷଣା ହୁଏ, DICGC ପ୍ରତ୍ୟେକ ଜମାକାରୀଙ୍କୁ, ଲିକ୍ୱିଡେଟର ମାଧ୍ୟମରେ, ପଞ୍ଜୀକରଣ  ରଦ୍ଦ ତାରିଖ ଠାରୁ ତାଙ୍କ ଜମା ରାଶିର ସମୁଦାୟ ପରିମାଣ (ସମାନ କ୍ଷମତା ଏବଂ ସମାନ ଅଧିକାରରେ) ସର୍ବାଧିକ  5 ଲକ୍ଷ  ଟଙ୍କା ପର୍ଯ୍ୟନ୍ତ ପ୍ରଦାନ କରିବ।

## ଯଦି ମୋ ବ୍ୟାଙ୍କ ଆରବିଆଇ ଦ୍ୱାରା "ସମସ୍ତ ଅନ୍ତର୍ଭୁକ୍ତ ନିର୍ଦ୍ଦେଶ" (AID) ଅଧୀନରେ ରଖାଯାଏ ତେବେ ମୋର ଜମା ସହିତ କ'ଣ ହେବ?

ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ ଦ୍ୱାରା ଏକ ବୀମାଭୁକ୍ତ ବ୍ୟାଙ୍କ କୁ ଯଦି  "ଅଲ୍ ଇନକ୍ଲୁସିଭ୍ ଡାଇରେକ୍ଟ୍" (ଏଆଇଡି) ଅଧୀନରେ ରଖାଗଲା ଏବଂ ଜମା ପ୍ରତ୍ୟାହାର ଉପରେ ପ୍ରତିବନ୍ଧକ ଲାଗିଗଲା, ତେବେ, DICGC ପ୍ରତ୍ୟେକ ଜମାକାରୀଙ୍କୁ, ଲିକ୍ୱିଡେଟର ଜରିଆରେ ବ୍ୟାଙ୍କକୁ ନିର୍ଦ୍ଦେଶନାମା / ନିଷେଧାଦେଶ ପ୍ରଦାନ ତାରିଖ ପର୍ଯ୍ୟନ୍ତ ଉପଭୋକ୍ତାଙ୍କର  ଜମା ରାଶିର ସମୁଦାୟ ପରିମାଣ ସର୍ବାଧିକ 5 ଲକ୍ଷ ଟଙ୍କା ପର୍ଯ୍ୟନ୍ତ (ସମାନ କ୍ଷମତା ଏବଂ ସମାନ ଅଧିକାରରେ) ପ୍ରଦାନ କରିବା ପାଇ ପ୍ରତିବଦ୍ଧ।

DICGC ଅଧିନିୟମ, 1961 ର ଧାରା 18A (ଯଥା ସଂଶୋଧିତ) ଅନ୍ତର୍ଗତ ଦାୟିତ୍ ନିର୍ବହନ କରିବାକୁ DICGC ଦ୍ୱାରା ବ୍ୟାଙ୍କକୁ ଦିଆଯାଇଥିବା କଟ୍ ଅଫ୍ ତାରିଖ ପୂର୍ବରୁ ଏହି ବ୍ୟାଙ୍କଗୁଡ଼ିକର ଜମାକାରୀଙ୍କୁ ସମ୍ପୃକ୍ତ ବ୍ୟାଙ୍କ ଅଧିକାରୀଙ୍କ ସହ ଯୋଗାଯୋଗ କରିବାକୁ, ବିକଳ୍ପ ବ୍ୟାଙ୍କର  ବିବରଣୀ ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ଦସ୍ତାବିଜ ସହିତ ତୁରନ୍ତ ଫର୍ମ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି,  ଯାହା ଦ୍ୱାରା ସଂପୃକ୍ତ ବ୍ୟାଙ୍କଗୁଡ଼ିକ ଜମାକାର ବୀମାକୃତ ସର୍ବାଧିକ 5 ଲକ୍ଷ ପର୍ଯ୍ୟନ୍ତ ଦାବି ତାଲିକା DICGC ରେ ଦାଖଲ କରିବାକୁ ସକ୍ଷମ ହେବେ।



## ମୋର ଦାବିର ସ୍ଥିତି ମୁଁ କିପରି ଜାଣିବି?

ପରିସମାପ୍ତି ଘଟିଥିବା ବ୍ୟାଙ୍କ ଏବଂ ଏଆଇଡି ବ୍ୟାଙ୍କଗୁଡ଼ିକର ଜମାକାରୀମାନେ ଦାବି ସମାଧାନର ପ୍ରତ୍ୟେକ ପର୍ଯ୍ୟାୟରେ ଅର୍ଥାତ୍ ଦାବି ଗ୍ରହଣ ଏବଂ ଦାବି ମଞ୍ଜୁର ସମୟରେ ଏକ ଏସ୍ଏମ୍ଏସ୍ ସୂଚନା ଗ୍ରହଣ କରିବେ।

## କୌଣସି ସୋସିଆଲ ମିଡିଆରେ DICGC ସକ୍ରିୟ କି?

DICGC ନିୟମିତ ଭାବରେ ସାଧାରଣ ଜନତାଙ୍କ ମଧ୍ୟରେ ସୂଚନା ବିସ୍ତାର ପାଇଁ ଇନସର୍ଟ ଦ୍ୱାରା 'ପବ୍ଲିକ୍ ଆପ୍'ରେ AID ବ୍ୟାଙ୍କଗୁଡ଼ିକର ଜମାକାରୀଙ୍କୁ ଦେୟ ସମ୍ବନ୍ଧୀୟ ସୂଚନା ପୋଷ୍ଟ କରେ।

ଅଧିକ ବିବରଣୀ ପାଇଁ, DICGC ର ୱେବସାଇଟ୍ କୁ ଲଗ୍ ଇନ୍ କରନ୍ତୁ

**www.dicgc.org.in**

## ବାର୍ତ୍ତା 21 { ଅଭିଯୋଗ ସମାଧାନ ପ୍ରଣାଳୀ }

ଅଭିଯୋଗର ସମାଧାନ ବ୍ୟବସ୍ଥାର ଅର୍ଥ ହେଉଛି ଗ୍ରାହକଙ୍କ ଠାରୁ ଅଭିଯୋଗ ଗ୍ରହଣ ସେଗୁଡ଼ିକର ସମାଧାନ ପାଇଁ ଏକ ବ୍ୟବସ୍ଥା ଯାହା ଏହିପରି ଅଭିଯୋଗଗୁଡ଼ିକର ନ୍ୟାୟସଂଗତ ଏବଂ ତ୍ୱରିତ ସମାଧାନ ଉପରେ ଉପଯୁକ୍ତ ଗୁରୁତ୍ୱ ଦେଇଥାଏ। ରିଜର୍ଭ ବ୍ୟାଙ୍କ ଏହାର ନିୟନ୍ତ୍ରିତ ସଂସ୍ଥା (REs) ଦ୍ୱାରା ପ୍ରଦତ୍ତ ସେବାଗୁଡ଼ିକର ଅଭାବ ହେତୁ ସୃଷ୍ଟି ହେଉଥିବା ଗ୍ରାହକଙ୍କ ଅଭିଯୋଗର ସମାଧାନ ପାଇଁ ରିଜର୍ଭ ବ୍ୟାଙ୍କ ଏକ ତ୍ୱରିତ ଏବଂ ନିଃଶୁଳ୍କ ବିକଳ୍ପ ଅଭିଯୋଗ ସମାଧାନ ବ୍ୟବସ୍ଥା ମଧ୍ୟ ସ୍ଥାପନ କରିଛି।

ଭାରତୀୟ ରିଜର୍ଭ ବ୍ୟାଙ୍କର ବିକଳ୍ପ ଅଭିଯୋଗ ସମାଧାନ ବ୍ୟବସ୍ଥା (AGR) ଭାରତୀୟ ରିଜର୍ଭ ବ୍ୟାଙ୍କର ଲୋକପାଳ, ଭାରତୀୟ ରିଜର୍ଭ ବ୍ୟାଙ୍କର ଗ୍ରାହକ ଶିକ୍ଷା ଏବଂ ସୁରକ୍ଷା କକ୍ଷ (ସିଇପିସି) ଏବଂ ଉପଭୋକ୍ତା ଶିକ୍ଷା ଏବଂ ସୁରକ୍ଷା ବିଭାଗ (ସିଇପିଡି) କୁ ନେଇ ଗଠିତ।

**ଧ୍ୟାନ ଦିଅନ୍ତୁ !**
ନିମ୍ନଲିଖିତ ସଂସ୍ଥାଗୁଡ଼ିକ ଅଭିଯୋଗ ସମାଧାନ ମେକାନିଜିମ୍ ଅଧୀନରେ ଆରବିଆଇର RE ଭାବରେ ବିବେଚନା କରାଯାଏ:

- ବ୍ୟାଙ୍କଗୁଡ଼ିକ
- ଅଣ ବ୍ୟାଙ୍କିଙ୍ଗ୍ ଆର୍ଥିକ କମ୍ପାନୀଗୁଡ଼ିକ (NBFCs)
- ପେମେଣ୍ଟ ସିଷ୍ଟମ ଅଂଶଗ୍ରହଣକାରୀ (PSPs)
- କ୍ରେଡିଟ୍ ସୂଚନା କମ୍ପାନୀଗୁଡ଼ିକ (CICs)

ରିଜର୍ଭ ବ୍ୟାଙ୍କ- ସମନ୍ୱିତ ଲୋକପାଳ ଯୋଜନା, RB-IOS, 2021 ବ୍ୟବସ୍ଥା ଅଧୀନରେ କାର୍ଯ୍ୟ କରେ ଏବଂ ନିୟଂତ୍ରିତ ସଂସ୍ଥା (RE) ଗୁଡ଼ିକ ବିରୁଦ୍ଧରେ ଆସିଥିବା ଅଭିଯୋଗ ଯାହାକି ରିଜର୍ଭ ବ୍ୟାଙ୍କ- ସମନ୍ୱିତ ଲୋକପାଳ ଯୋଜନା ଅନ୍ତର୍ଗତ ସେଗୁଡ଼ିକୁ ଗ୍ରହଣ କରେ। ନିୟଂତ୍ରିତ ସଂସ୍ଥା (RE) ବିରୁଦ୍ଧରେ ଅଭିଯୋଗ ଯାହା RB-IOS, 2021ର ପରିସର ଭିତରେ ଆସୁ ନଥିବ, ସେଗୁଡ଼ିକୁ CEPC ଗ୍ରହଣ କରିଥାଏ।

### ଆରବିଆଇ ଓମ୍ବୁଡ୍ସମ୍ୟାନଙ୍କ ନିକଟକୁ କେବେ ଯୋଗଯୋଗ କରାଯାଇ ପାରିବ?

ଅଭିଯୋଗର ସମାଧାନ ପାଇଁ ଅଭିଯୋଗକାରୀଙ୍କୁ ପ୍ରଥମେ ସମ୍ପୃକ୍ତ REଙ୍କ ସହ ଯୋଗାଯୋଗ କରିବାକୁ ପଡ଼ିବ। ଯଦି REଙ୍କ ନିକଟରେ ଦାଖଲ କରାଯାଇଥିବା ଅଭିଯୋଗର ସମାଧାନ ନ ହୁଏ / ଯଦି 30 ଦିନ ମଧ୍ୟରେ କୌଣସି ଉତ୍ତର ନ ମିଳେ, କିମ୍ବା ଯଦି ଅଭିଯୋଗକାରୀ RE ଦେଇଥିବା ଉତ୍ତରରେ ସନ୍ତୁଷ୍ଟ ହୁଅନ୍ତି ନାହିଁ, ତେବେ ଅଭିଯୋଗକାରୀ ଆରବିଆଇର ଲୋକପାଳଙ୍କ ନିକଟରେ ଅଭିଯୋଗ କରିପାରିବେ।

**ମନେରଖନ୍ତୁ :** ଯେଉଁ ଅଭିଯୋଗଗୁଡ଼ିକ RB-IOS, 2021 ପରିସର ଅନ୍ତର୍ଭୂକ୍ତ ନୁହେଁ, ସେଗୁଡ଼ିକର ସମାଧାନ ପାଇଁ ଆରବିଆଇର CEPC କୁ ପଠାଇ ଦିଆଯାଏ।



**! ସର୍ବଦା ମନେରଖନ୍ତୁ !**

- ଯୋଜନାରେ ଉଲ୍ଲେଖ କରାଯାଇଥିବା ନିର୍ଦ୍ଦେଶ ଅନୁସାରେ ଅଭିଯୋଗରେ ସମସ୍ତ ଆବଶ୍ୟକୀୟ ବିବରଣୀ / ସୂଚନା ଉଲ୍ଲେଖ କରିବା ଉଚିତ।
- ଅଭିଯୋଗର ଏକ ସଂଲଗ୍ନକ ରହିବା ଉଚିତ ଯେଉଁଥିରେ ଅଭିଯୋଗକାରୀ RE ନିକଟକୁ ଯାଇ ସନ୍ତୋଷଜନକ ପ୍ରତିକ୍ରିୟା ନ ପାଇଥିବାର ସୂଚନା ଥିବ।
- ଅଭିଯୋଗ ଟି ଅନ୍ୟ କୌଣସି ଫୋରମ୍ (କୋର୍ଟ ପରି) ରେ ବିଚାରାଧୀନ ନଥିବା ଉଚିତ କିମ୍ବା ପୂର୍ବରୁ ଆରବିଆଇ ଦ୍ୱାରା ବିଚାରାଧୀନ / ସମାଧାନ ହୋଇନଥିବା ଆବଶ୍ୟକ।

## ଆରବିଆଇରେ ଅଭିଯୋଗ କେଉଁଠାରେ କରିବାକୁ ହେବ?

ନିମ୍ନଲିଖିତ ବ୍ୟବସ୍ଥା ମାଧ୍ୟମରେ ଆରବିଆଇ ଓମ୍ବୁଡ୍ସମ୍ୟାନ୍ / ସିଇପିସିରେ ଅଭିଯୋଗ କରାଯାଇପାରିବ:

i) ଅନଲାଇନରେ https://cms.rbi.org.in/; କିମ୍ବା
ii) "କେନ୍ଦ୍ରୀୟ ରସିଦ୍ ଏବଂ ପ୍ରକ୍ରିୟାକରଣ କେନ୍ଦ୍ର, 4ର୍ଥ ମହଲା, ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସେକ୍ଟର -17, ସେଣ୍ଟ୍ରାଲ ଭିସ୍ତା, ଚଣ୍ଡିଗଡ଼ -160017" କୁ ଚିଠି / ପୋଷ୍ଟ ଦ୍ୱାରା।

**ଉପାଦେୟ ପରାମର୍ଶ!**
https:// cms.rbi.org.in/ରେ ସିଏମଏସ ପୋର୍ଟାଲରେ ଅନଲାଇନରେ ଅଭିଯୋଗ ପଞ୍ଜୀକରଣ କରିବା ତୁରନ୍ତ ପ୍ରାପ୍ତି ସ୍ୱୀକାର ଏବଂ ଅଭିଯୋଗ ନମ୍ବର ପ୍ରଦାନ କରେ ଏବଂ ଆରବିଆଇ ଲୋକପାଳଙ୍କ ଦ୍ୱାରା ଏହାର ତ୍ୱରିତ ସମାଧାନ କରିବାରେ ମଧ୍ୟ ସାହାଯ୍ୟ କରେ

## ଭାରତୀୟ ରିଜର୍ଭ ବ୍ୟାଙ୍କର ଲୋକପାଳଙ୍କ ନିକଟରେ ଅଭିଯୋଗ ଦାଖଲ ପାଇଁ କୌଣସି ଦେୟ ବା ଶୁଳ୍କ ଦେବାକୁ ପଡ଼ିବ କି?

ନା। ଆରବି-ଆଇଓଏସ୍, 2021 ଅଧୀନରେ ଅଭିଯୋଗ ଦାଖଲ କିମ୍ବା ସମାଧାନ ପାଇଁ ନିୟନ୍ତ୍ରିତ ସଂସ୍ଥା (RE )ର ଗ୍ରାହକଙ୍କ ପାଇଁ କୌଣସି ଦେୟ କିମ୍ବା ଶୁଳ୍କ ଦେବାକୁ ହେବ ନାହିଁ। ଅଧିକନ୍ତୁ, ଆରବିଆଇ ଓମ୍ବଡସମ୍ୟାନଙ୍କ ନିକଟରେ ଅଭିଯୋଗ ଦାଖଲ କରିବାକୁ ଅଭିଯୋଗକାରୀଙ୍କୁ କୌଣସି ତୃତୀୟ ପକ୍ଷ ଏଜେନ୍ସି ନିକଟକୁ ଯିବା କିମ୍ବା କୌଣସି ଶୁଳ୍କ ଦେବା ଆବଶ୍ୟକ ନାହିଁ। ଅଭିଯୋଗକାରୀମାନେ ସେମାନଙ୍କ ଅଭିଯୋଗକୁ ନିଜେ କିମ୍ବା ପ୍ରାଧିକୃତ ପ୍ରତିନିଧୀଙ୍କ ମାଧ୍ୟମରେ ଉପରୋକ୍ତ ଯେ କୌଣସି ଉପାୟ ମାଧ୍ୟମରେ ବିନା ମୂଲ୍ୟରେ ପଞ୍ଜିକରଣ କରିପାରିବେ। ତେବେ ଜଣେ ଓକିଲଙ୍କ ମାଧ୍ୟମରେ ଅଭିଯୋଗ ଦାଖଲ କରାଯାଇପାରିବ ନାହିଁ।

**ଅଧିକ ସୂଚନା ପାଇଁ, ଦୟାକରି ପରିଦର୍ଶନ କରନ୍ତୁ:**
**RB- IOS, 2021**ରେ ବାରମ୍ବାର ପଚରା ଯାଉଥିବା ପ୍ରଶ୍ନ **(FAQs)- https://www.rbi.org.in/scripts/FS_FAQs.aspx?fn=2745** କିମ୍ବା
CMS ପୋର୍ଟାଲ **https://cms.rbi.org.in/**

**ବାର୍ତ୍ତା 22**

# ଭାରତୀୟ ରିଜର୍ଭ ବ୍ୟାଙ୍କର ଅଭିଯୋଗ ପରିଚାଳନା ବ୍ୟବସ୍ଥା (CMS)

ଅଭିଯୋଗକାରୀମାନେ 24x7 ଅନ ଲାଇନ  CMS ପୋର୍ଟାଲରେ https://cms.rbi.org.in/ ରେ ଆରବିଆଇର ଏକ ରେଗୁଲେଟେଡ୍ ଏଣ୍ଟିଟି (RE) ବିରୋଧରେ ଅଭିଯୋଗ ଦାଖଲ କରିପାରିବେ। ଗ୍ରାହକ ସଚେତନତା ଏବଂ ସୁରକ୍ଷା ପାଇଁ ଆରବିଆଇ ଏହି ପୋର୍ଟାଲ ରେ  ସଦ୍ୟତମ ଭିଡିଓ ଏବଂ ପୋଷ୍ଟର ମାନ ରହିଛି।




## CMS ପୋର୍ଟାଲରେ ଅନଲାଇନରେ ଅଭିଯୋଗ ଦାଖଲ କରିବାର ସୁବିଧା / ଲାଭ କ'ଣ?

- ଏହା ଅଭିଯୋଗ ଦାଖଲ କରିବାର ଏକ ସରଳୀକୃତ ଏବଂ ଖର୍ଚ୍ଚମୁକ୍ତ ପଦ୍ଧତି।
- ଦେଶର ଯେକୌଣସି ସ୍ଥାନରୁ CMS ପୋର୍ଟାଲରେ ଅଭିଯୋଗ ଦାଖଲ କରାଯାଇପାରିବ।
- ଅନଲାଇନ୍ ଅଭିଯୋଗର ପଞ୍ଜୀକରଣ ଉପରେ ଅଭିଯୋଗକାରୀଙ୍କୁ ସ୍ୱୟଂଚାଳିତ ସ୍ୱୀକୃତି ପ୍ରାପ୍ତ ହେବ।
- ଅଭିଯୋଗର ସ୍ଥିତିର ରିଅଲ୍-ଟାଇମ୍ ଟ୍ରାକିଂ ପାଇଁ  ଏଥିରେ ସୁବିଧା ଅଛି।

- ଅତିରିକ୍ତ ଡକ୍ୟୁମେଣ୍ଟଗୁଡ଼ିକର ଅନଲାଇନ୍ ଦାଖଲ ପାଇଁ ସୁବିଧା ଅଛି।
- ଆରବିଆଇ ଦ୍ୱାରା ପ୍ରଦାନ କରାଯାଇଥିବା ଅଭିଯୋଗ ନିରାକରଣ ସମ୍ବନ୍ଧରେ ଅଭିଯୋଗକାରୀଙ୍କ ପାଇଁ ଅନଲାଇନ୍ ରେ ସ୍ୱେଚ୍ଛାକୃତ ମତାମତ ଦାଖଲ ପାଇଁ ସୁବିଧା ଉପଲବ୍ଧ।

## ଆରବିଆଇରେ ଅଭିଯୋଗ ଦାଖଲ କରିବା ବିଷୟରେ କିପରି ଅଧିକ ଜାଣିବେ?

- ଯେ କୌଣସି ବ୍ୟକ୍ତି ଆରବିଆଇର ଅଭିଯୋଗ କେନ୍ଦ୍ରକୁ ଯୋଗାଯୋଗ କରିପାରିବେ, ଟୋଲ୍ ଫ୍ରି ନମ୍ବର 14448 ସହିତ ଯୋଗାଯୋଗ କରି, ଆରବିଆଇର ଅଭିଯୋଗ ସମାଧାନ ବ୍ୟବସ୍ଥା ବିଷୟରେ ସୂଚନା / ସ୍ପଷ୍ଟୀକରଣ ପାଇଁ ଏବଂ ଅଭିଯୋଗ ଦାଖଲ ପାଇଁ ମାର୍ଗଦର୍ଶନ / ଅଭିଯୋଗ ର ସ୍ଥିତିକୁ ଟ୍ରାକ୍ କରିପାରିବେ।
- ରିଜର୍ଭ ବ୍ୟାଙ୍କ କର୍ମଚାରୀଙ୍କ ମାଧ୍ୟମରେ କଣ୍ଟାକ୍ଟ ସେଣ୍ଟର ସୁବିଧା ସମସ୍ତ କାର୍ଯ୍ୟ ଦିବସରେ ସକାଳ 8:00 ରୁ 10:00 ପର୍ଯ୍ୟନ୍ତ ହିନ୍ଦୀ ଏବଂ ଇଂରାଜୀରେ ଏବଂ ସକାଳ 9:30 ରୁ 5:15 ମଧ୍ୟରେ ଦଶଟି ଆଞ୍ଚଳିକ ଭାଷାରେ (ଆସାମୀ, ବଙ୍ଗାଳୀ, ଗୁଜୁରାଟୀ, କନ୍ନଡ଼, ମାଲାୟାଲମ୍, ମରାଠୀ, ଓଡ଼ିଆ, ପଞ୍ଜାବୀ, ତାମିଲ ଏବଂ ତେଲୁଗୁ) ରେ ଉପଲବ୍ଧ। ଏହା ମଧ୍ୟ ଇଣ୍ଟରାକ୍ଟିଭ୍ ଭଏସ୍ ରେସପନ୍ସ ସିଷ୍ଟମ୍ (IVRS) ସୁବିଧା ମାଧ୍ୟମରେ 24x7x365 ଉପଲବ୍ଧ।

## RB-IOS, 2021 ଅଧୀନରେ ଥିବା ଆରବିଆଇ ଲୋକପାଳ ସହିତ ଯୋଗାଯୋଗ କେନ୍ଦ୍ର ମାଧ୍ୟମରେ ଦାଖଲ କରାଯାଇପାରିବ କି?

ନା, ଯୋଗାଯୋଗ କେନ୍ଦ୍ର ମାଧ୍ୟମରେ ଅଭିଯୋଗ ଦାଖଲ କରାଯାଇପାରିବ ନାହିଁ, କିନ୍ତୁ ଯୋଗାଯୋଗ କେନ୍ଦ୍ର ଅଭିଯୋଗକାରୀଙ୍କୁ CMS ପୋର୍ଟାଲ କିମ୍ବା ଆବେଦନ ପତ୍ର ମାଧ୍ୟମରେ ଅଭିଯୋଗ ଦାଖଲ କରିବାରେ ସାହାଯ୍ୟ କରିପାରିବ। ଏହା ମଧ୍ୟ ଆରବିଆଇ ଦ୍ୱାରା ସ୍ଥାପିତ AGR ବ୍ୟବସ୍ଥାର ସବିଶେଷ ବିବରଣୀ ପ୍ରଦାନ କରିବ।



## ବାର୍ତ୍ତା 23

# ବିପତ୍ତିରୁ ମୁକ୍ତି



ଜଳବାୟୁ ପରିବର୍ତ୍ତନ ସମଗ୍ର ଦେଶରେ ଅସୁରକ୍ଷିତ ଅଞ୍ଚଳରେ ରହୁଥିବା ଲକ୍ଷ ଲକ୍ଷ କୋଟି ଭାରତୀୟଙ୍କ ଜୀବିକା ପ୍ରତି ଘୋର ବିପଦ ଭାବରେ ଉଭା ହୋଇଛି ଏବଂ ଏହା ଜୀବିକା ନିର୍ବାହ ପାଇଁ ଋଣ ନେଉଥିବା ଋଣଗ୍ରହୀତାଙ୍କ ପରିଶୋଧ କ୍ଷମତାକୁ ପ୍ରଭାବିତ କରୁଛି। ଭୟ କର ନାହିଁ, ଯେହେତୁ ପ୍ରାକୃତିକ ବିପର୍ଯ୍ୟୟ ଦ୍ୱାରା ପ୍ରଭାବିତ ଅଞ୍ଚଳରେ ରିଲିଫ୍ ପଦକ୍ଷେପ ଉପରେ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆର ନିର୍ଦ୍ଦେଶାବଳୀ ଏଠାରେ ଅଛି:

## ଏହା କିପରି କାମ କରେ:

- କେନ୍ଦ୍ର କିମ୍ବା ରାଜ୍ୟ ସରକାର ଆପଣଙ୍କ ରାଜ୍ୟ / ଜିଲ୍ଲାରେ ହୋଇଥିବା ଏକ ପ୍ରାକୃତିକ ବିପର୍ଯ୍ୟୟ ବିଷୟରେ ସୂଚିତ କରନ୍ତି।
- ରାଜ୍ୟ ସ୍ତରୀୟ ବ୍ୟାଙ୍କର୍ସ କମିଟି (ଏସଏଲବିସି) କିମ୍ବା ଜିଲ୍ଲା ପରାମର୍ଶଦାତା କମିଟି (ଡିସିସି) ଏକ ବୈଠକ ଡକାଇ କୃଷି, କିମ୍ବା ସହଯୋଗୀ କାର୍ଯ୍ୟକଳାପ, ଗ୍ରାମ୍ୟ କାରିଗର, ବ୍ୟବସାୟୀ, ଏମ୍ଏସ୍ଏମ୍ଇ ଇତ୍ୟାଦି କ୍ଷେତ୍ର ଋଣ ନେଇଥିବା ବ୍ୟକ୍ତିଙ୍କ ପାଇଁ ରିଲିଫ୍ ପଦକ୍ଷେପ ଘୋଷଣା କରନ୍ତି।
- ଯଦି ଆପଣଙ୍କର ଆୟର ଉତ୍ସ ପ୍ରାକୃତିକ ବିପର୍ଯ୍ୟୟ ଦ୍ୱାରା ପ୍ରଭାବିତ ହୋଇଛି, ତେବେ ଆପଣ ଆପଣଙ୍କର ଆର୍ଥିକ ପ୍ରତିଷ୍ଠାନ (ବ୍ୟାଙ୍କ / NBFC / ସମବାୟ ବ୍ୟାଙ୍କ) ନିକଟକୁ ଯାଇ ଚାଲିଥିବା ଋଣର ପୁନର୍ଗଠନ କିମ୍ବା ନୂତନ ଋଣ ମଞ୍ଜୁର ଆକାରରେ ରିଲିଫ୍ ମାଗିପାରନ୍ତି।
- ଆପଣଙ୍କର ଋଣଗୁଡ଼ିକର ଅଧିସ୍ଥଗନ ଅବଧି, ବର୍ଦ୍ଧିତ ପରିଶୋଧ ଅବଧି, KYC ନିୟମ ପାଳନରେ କୋହଳ ମନୋଭାବ ଏବଂ ସୁଧ ରିହାତି ସହିତ ପ୍ରଯୁଜ୍ୟ ପୁନର୍ଗଠନ ହୋଇ ପାରିବ।
- ଆପଣ ପଚାରି ପାରନ୍ତି, ଯଦି ପୁନର୍ବାର ବିପତ୍ତି ଆସେ ତେବେ କଣ ହେବ? ବ୍ୟସ୍ତ ହୁଅନ୍ତୁ ନାହିଁ, କାରଣ କ୍ରମାଗତ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ମଧ୍ୟ ଏହି ରିଲିଫ୍ ପଦକ୍ଷେପଗୁଡ଼ିକ ପ୍ରଯୁଜ୍ୟ ହେବ।

ଆର୍ଥିକ ସଚେତନତା ବାର୍ତ୍ତା

# ମୂଲ୍ୟବାନ ଶିକ୍ଷଣୀୟ ତଥ୍ୟ



**ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଏବଂ ବିକାଶ ବିଭାଗ, ଭାରତୀୟ ରିଜର୍ଭ ବ୍ୟାଙ୍କ**

## ବାର୍ତ୍ତା 24 { ଆକାଉଣ୍ଟ୍ ଏଗ୍ରିଗେଟର୍ (ଏଏ) }

### ଏହା ବାସ୍ତବ ସମୟରେ ଆପଣଙ୍କର ଆର୍ଥିକ ସମ୍ପତ୍ତିର ସୂଚନା ଦେଇଥାଏ:

- ଆପଣ ଆପଣଙ୍କ ଅର୍ଥ ସମ୍ବନ୍ଧୀୟ ସୂଚନାକୁ ଏକ ଆକାଉଣ୍ଟ୍ ଏଗ୍ରିଗେଟର୍ କୁ ଏକ ସୁରକ୍ଷିତ ଉପାୟରେ ଜଣାଇପାରିବେ କାରଣ ଏହା ଆପଣଙ୍କର ଆର୍ଥିକ ସୂଚନା ଦେଖେ ନାହିଁ କିମ୍ବା ସଂରକ୍ଷଣ କରେ ନାହିଁ।
- ଆକାଉଣ୍ଟ୍ ଏଗ୍ରିଗେଟର୍ସ କେବଳ ଆପଣଙ୍କ ଠାରୁ ସ୍ୱଷ୍ଟ ନିର୍ଦ୍ଦେଶ ପାଇବା ପରେ ଋଣ ପ୍ରଦାନକାରୀ ବ୍ୟାଙ୍କ ଏବଂ NBFC ସହିତ ସୂଚନା ଅବଗତ କରାଇବ।
- ଏହା ଋଣ ପ୍ରକ୍ରିୟାକରଣ ପାଇଁ ସମୟକୁ ହ୍ରାସ କରିପାରେ।
- ଜମାକାରୀମାନେ ସେମାନଙ୍କର ବୈଦ୍ୟୁତିକ ପ୍ରକ୍ରିୟାରେ ପଠାହୋଇଥିବା ଆର୍ଥିକ ସମ୍ପତ୍ତିର ସୂଚନାକୁ ବିଭିନ୍ନ ଆର୍ଥିକ ସେବା ଆର୍ଥିକ ସେବା ଅର୍ଥାତ୍ - ଋଣ ପ୍ରଦାନ, କ୍ରେଡିଟ୍ ମନିଟରିଂ, ଆର୍ଥିକ ସୂଚନା ଉପଭୋକ୍ତା ଯୋଜନା (FIUs) ରୁ ଧନ ପରିଚାଳନା ସହିତ ଏକ ଦ୍ରୁତ, ନିରାପଦ ଏବଂ ବିନା ଅସୁବିଧାରେ ପ୍ରାପ୍ତ କରି ପାରିବେ।
- ଆହୁରି ମଧ୍ୟ, ନଗଦ ପ୍ରବାହ ଆଧାରିତ ଋଣ ପାଇଁ ଆକାଉଣ୍ଟ୍ ଏଗ୍ରିଗେଟର୍ ଢାଞ୍ଚାରେ ଜିଏସଟିଏନ ଅନ୍ତର୍ଭୁକ୍ତ ହେତୁ କ୍ଷୁଦ୍ର ଋଣଗ୍ରହୀତାଙ୍କ ପାଇଁ ବିଶେଷ ଭାବରେ MSME ଋଣ ପାଇଁ ଆକାଉଣ୍ଟ୍ ଏଗ୍ରିଗେଟର୍ ଢାଞ୍ଚାର ଅପାର ସମ୍ଭାବନା ଅଛି।

### ଆକାଉଣ୍ଟ୍ ଏଗ୍ରିଗେଟର୍ ଢାଞ୍ଚା



## ବାର୍ତ୍ତା 25 { ଡିଜିଟାଲ୍ ଲେଣ୍ଡିଂ ଆପ୍ସ }

ଡିଜିଟାଲ ଲେଣ୍ଡିଂ ଆପ୍ସ (DLAs) ହେଉଛି ଆପଣଙ୍କ ଫୋନ୍ କିମ୍ବା କମ୍ପ୍ୟୁଟରରେ ଥିବା ଆପ୍ଲିକେସନ୍ ଯାହା ଅନଲାଇନରେ ଋଣ ପାଇବାକୁ ସହଜ କରିଥାଏ। ରିଜର୍ଭ ବ୍ୟାଙ୍କ ଦ୍ୱାରା ଜାରି କରାଯାଇଥିବା ବର୍ତ୍ତମାନର ଆଉଟସୋର୍ସିଂ ନିର୍ଦ୍ଦେଶାବଳୀ ଅନୁଯାୟୀ ଯେକୌଣସି ଋଣ ସୁବିଧା ସେବା ପ୍ରଦାନ କରିବା ପାଇଁ ନିୟନ୍ତ୍ରିତ ସଂସ୍ଥା ଯଥା- ବ୍ୟାଙ୍କ ଏବଂ ଏନବିଏଫସି କିମ୍ବା ନିୟନ୍ତ୍ରିତ ସଂସ୍ଥା ଦ୍ୱାରା ନିୟୋଜିତ ଲେଣ୍ଡିଂ ସର୍ଭିସ ପ୍ରୋଭାଇଡର୍ସ (ଏଲଏସପି ଗୁଡିକ) ଠାରୁ ଏହି ଆପ୍‌ଗୁଡ଼ିକ ଆସିପାରିଥାଏ। ବ୍ୟାଙ୍କ ଏବଂ ଏନବିଏଫସି ଗୁଡିକ ତରଫରୁ ଋଣ ଆବେଦନ ଏବଂ ବିତରଣ ପ୍ରକ୍ରିୟାକୁ ସ୍ୱୟଂଚାଳିତ କରିବା ପାଇଁ ଟେକ୍ନୋଲୋଜି ବ୍ୟବହାର କରି ଡିଜିଟାଲ୍ ଲେଣ୍ଡିଂ ଆପ୍ସ୍ ଗୁଡ଼ିକ ସାଧାରଣତଃ କାର୍ଯ୍ୟ କରନ୍ତି। ଆପଣ ଆପଣଙ୍କ ସ୍ମାର୍ଟଫୋନ୍ ମାଧ୍ୟମରେ ଋଣ ପାଇଁ ଆବେଦନ କରିପାରିବେ, ଏବଂ ଆପ୍ ଆପଣଙ୍କ ସୂଚନା ଯାଞ୍ଚ୍ କରିବା ଏବଂ ଋଣର ପ୍ରକ୍ରିୟାକରଣ କରିବା ପାଇଁ ଡିଜିଟାଲ୍ ଉପକରଣଗୁଡ଼ିକ ବ୍ୟବହାର କରିବେ।



### ବୈଧ ଆପ୍ଲିକେସନ୍ ଚିହ୍ନଟ କରନ୍ତୁ

ଯେକୌଣସି ଡିଜିଟାଲ ଲେଣ୍ଡିଂ ଆପ୍ ବ୍ୟବହାର କରିବା ପୂର୍ବରୁ, ଆପଣ ବ୍ୟାଙ୍କ / ଏନବିଏଫସି ୱେବସାଇଟରେ ଲଗ୍ ଇନ୍ କରି ଆରବିଆଇ ନିୟନ୍ତ୍ରିତ ବ୍ୟାଙ୍କ / ଏନବିଏଫସି ସହିତ ଆପ୍ ଜଡିତ ଅଛି କି ନାହିଁ / ଆଉଟସୋର୍ସିଂ ଆରେଞ୍ଜମେଣ୍ଟ ଅଛି କି ନାହିଁ ତାହା ଯାଞ୍ଚ୍ କରିପାରିବେ। ଆହୁରିମଧ୍ୟ, ଏସଏମଏସ କିମ୍ବା ସୋସିଆଲ ମିଡିଆ ଚ୍ୟାନେଲରେ ଲିଙ୍କ ଭାବରେ ପ୍ରାପ୍ତ କୌଣସି ଆପ୍ ଡାଉନଲୋଡ କରିବା ଠାରୁ ଦୂରେଇ ରହିବା ଉଚିତ।

- **ସନ୍ଦିଗ୍ଧ ଆପ୍ସ ଗୁଡ଼ିକର ରିପୋର୍ଟ କରିବା**

  ଯଦି କୌଣସି ଆପ୍ ଷ୍ଟୋର୍ ରେ ହେଉ କିମ୍ବା ଏସଏମଏସ / ସୋସିଆଲ ମିଡିଆ ଲିଙ୍କ୍ ମାଧ୍ୟମରେ ହେଉ କୌଣସି ସନ୍ଦିଗ୍ଧ ଋଣ ଆପ୍ ପାଇଥାଆନ୍ତି, ଆଇନ ପ୍ରବର୍ତ୍ତନକାରୀ ଏଜେନ୍ସିଗୁଡ଼ିକୁ ଜଣାଇବା ଆବଶ୍ୟକ।

- **ଋଣର ଆର୍ଥିକ ପ୍ରଭାବ ବୁଝିବା**

  ଏକ ଡିଜିଟାଲ ଋଣ ନେବା ପୂର୍ବରୁ, ଆପଣଙ୍କୁ ବାର୍ଷିକ ପ୍ରତିଶତ ହାର ଏବଂ କି ଫ୍ୟାକ୍ଟ ଷ୍ଟେଟମେଣ୍ଟରେ ପ୍ରଦର୍ଶିତ ଅନ୍ୟାନ୍ୟ ସମ୍ବନ୍ଧିତ ସର୍ତ୍ତାବଳୀ ଭାବରେ ଋଣର ସମୁଦାୟ ମୂଲ୍ୟକୁ ସତର୍କତାର ସହ ଆକଳନ କରିବା ଆବଶ୍ୟକ।

- **ଋଣ ସମ୍ବନ୍ଧୀୟ ଦସ୍ତାବିଜକୁ ଧ୍ୟାନର ସହ ପଢନ୍ତୁ**

  ଆପଣ ବିଭିନ୍ନ ଋଣ ସମ୍ବନ୍ଧୀୟ ଦସ୍ତାବିଜ ଯେପରିକି କି ଫ୍ୟାକ୍ଟ ଷ୍ଟେଟମେଣ୍ଟ (କେଏଫଏସ), ମଞ୍ଜୁରୀ ପତ୍ର, ଋଣଦାତା / ଏଲଏସପି ଗୁଡ଼ିକର ଗୋପନୀୟତା ନୀତି ଇତ୍ୟାଦିକୁ ଧ୍ୟାନର ସହ ପଢ଼ିବା ଆବଶ୍ୟକ। ଏହା ସହିତ, ଆପଣ ସୁନିଶ୍ଚିତ କରିବା ଆବଶ୍ୟକ ଯେ ଦସ୍ତାବିଜଗୁଡ଼ିକ ଡିଜିଟାଲ ଭାବରେ ସ୍ୱାକ୍ଷରିତ ଏବଂ ବ୍ୟାଙ୍କ / ଏନବିଏଫସିର ଲେଟରହେଡରେ ଅଛି।

- **ଆପଣଙ୍କ ତଥ୍ୟର ସୁରକ୍ଷା କରନ୍ତୁ**

  ଦୟାକରି ଡିଜିଟାଲ ଲେଣ୍ଡର୍ ର ଗୋପନୀୟତା ନୀତି ଦସ୍ତାବିଜ ଏବଂ ଡେଟା ଷ୍ଟୋରେଜ୍ ନୀତିଗୁଡ଼ିକୁ ଧ୍ୟାନର ସହ ପଢ଼ନ୍ତୁ ଏବଂ ଆପ୍ସ୍ କୁ ଇନଷ୍ଟଲ୍ କରିବା ପୂର୍ବରୁ ଏହା ଦ୍ୱାରା ଆବଶ୍ୟକ ଅନୁମତିଗୁଡ଼ିକୁ ଭଲ ଭାବରେ ଯାଞ୍ଚ୍ କରନ୍ତୁ।

- **ଅଭିଯୋଗ ସମାଧାନ ବ୍ୟବସ୍ଥା**

  ଡିଜିଟାଲ ଋଣ ସମ୍ପର୍କିତ କୌଣସି ଅଭିଯୋଗ କ୍ଷେତ୍ରରେ, ବ୍ୟାଙ୍କ/ଏନବିଏଫସି କିମ୍ବା ସେମାନଙ୍କ ଦ୍ୱାରା ନିୟୋଜିତ ଏଲଏସପି ର ନୋଡାଲ ଅଭିଯୋଗ ସମାଧାନ ଅଧିକାରୀ ସହ ଯୋଗାଯୋଗ କରାଯାଇପାରିବ। ଏଭଳି ନୋଡାଲ ଅଭିଯୋଗ ସମାଧାନ ଅଧିକାରୀଙ୍କ ବିବରଣୀ ବ୍ୟାଙ୍କ/ଏନବିଏଫସିର ୱେବସାଇଟ, ଏଲଏସପିର ୱେବସାଇଟ ଏବଂ ଡିଜିଟାଲ ଋଣ ଆପ୍ ରେ ଉପଲବ୍ଧ ଥାଏ। ଏହା ସହିତ, ଯଦି 30 ଦିନ ମଧ୍ୟରେ ବ୍ୟାଙ୍କ/ଏନବିଏଫସି ଦ୍ୱାରା ଅଭିଯୋଗର ସନ୍ତୋଷଜନକ ସମାଧାନ ନ ହୁଏ, ତେବେ ରିଜର୍ଭ ବ୍ୟାଙ୍କ-ଇଣ୍ଟିଗ୍ରେଟେଡ୍ ଓମ୍ବୁଡ୍ସମ୍ୟାନ୍ ସ୍କିମ୍ (ଆରବି-ଆଇଓଏସ) ଅଧୀନରେ ଥିବା କମ୍ପ୍ଲେଣ୍ଟ ମ୍ୟାନେଜମେଣ୍ଟ ସିଷ୍ଟମ (ସିଏମ୍ଏସ୍) ପୋର୍ଟାଲରେ ଅଭିଯୋଗ କରିପାରିବେ।

## ବାର୍ତ୍ତା 26 { MANI ଆପ୍ - ଦୃଷ୍ଟିହୀନ ବ୍ୟକ୍ତିଂକୁ ସମର୍ଥ କରାଇବା }

- ଦୃଷ୍ଟିହୀନ ବ୍ୟକ୍ତିମାନେ MANI ଆପ୍ ଡାଉନଲୋଡ୍ କରି ଯେକୌଣସି ଏକ ମୁଦ୍ରାର ମୂଲ୍ୟବର୍ଗକୁ ଚିହ୍ନଟ କରିପାରିବେ।
- ଆପ୍ ଟି ଉଭୟ  ହିନ୍ଦୀ, ଇଂରାଜୀ ଏବଂ ଅନ୍ୟ 11 ଟି ଭାଷାରେ (ଆସାମୀ, ବଙ୍ଗାଳୀ, ଗୁଜୁରାଟୀ, କନ୍ନଡ଼, ମାଲାୟାଲମ୍, ମରାଠୀ, ଓଡ଼ିଆ, ପଞ୍ଜାବୀ, ତାମିଲ, ତେଲୁଗୁ, ଉର୍ଦ୍ଦୁ) ରେ ଅଡିଓ ବିଜ୍ଞପ୍ତି  ଏବଂ କମ୍ପନ ପ୍ରକ୍ରିୟା ଦ୍ୱାରା ମହାତ୍ମା ଗାନ୍ଧୀ ସିରିଜ୍ ଏବଂ ମହାତ୍ମା ଗାନ୍ଧୀ (ନୂତନ) ସିରିଜ୍ ନୋଟଗୁଡ଼ିକର ମୂଲ୍ୟବର୍ଗ ଚିହ୍ନଟ କରେ।
- ଡାଉନଲୋଡ୍ କରିବା ପରେ ଇଣ୍ଟରନେଟ୍ ଆବଶ୍ୟକ ନାହିଁ, ଏବଂ ଆପ୍ ଅଫଲାଇନ୍ ମୋଡ୍ ରେ ମଧ୍ୟ  କାମ କରେ।
- ଏହି ଆପ୍ ଉଭୟ ଆଣ୍ଡ୍ରଏଡ୍ ପ୍ଲେ ଷ୍ଟୋର୍ ଏବଂ ଆଇଓଏସ୍ ଆପ୍ ଷ୍ଟୋର୍‌ରେ କୌଣସି ଦେୟ ବିନା ଉପଲବ୍ଧ।
- ମୋବାଇଲ୍ ଆପ୍ଲିକେସନ୍ ନୋଟ୍ ଟି ପ୍ରକୃତ କିମ୍ବା ନକଲି ବୋଲି ପ୍ରମାଣିକରଣ କରିପାରେ ନାହିଁ।



ବାର୍ତ୍ତା 27

# ମଇଳା / ଚିରାଫଟା / ତ୍ରୁଟିପୂର୍ଣ୍ଣ ନୋଟର ବିନିମୟ

- ମଇଳା , ଛିଣ୍ଡିଯାଇଥିବା, ନଷ୍ଟ ହୋଇଯାଇଥିବା, ବିକୃତ କିମ୍ବା ତ୍ରୁଟିପୂର୍ଣ୍ଣ ନୋଟ୍ ଗୁଡ଼ିକ ବ୍ୟାଙ୍କ ଶାଖା ମାନଙ୍କର କାଉଣ୍ଟର ଠାରେ ବିନିମୟ ହୋଇପାରିବ। ନୋଟ୍ ବିନିମୟ, ଆରବିଆଇ ନୋଟ୍ ଫେରସ୍ତ ନିୟମ, 2009 (2018 ରେ ସଂଶୋଧିତ) ଅନୁଯାୟୀ ହୁଏ।
- ଯଦି ବ୍ୟାଙ୍କ ଶାଖା ଏଭଳି ନୋଟ୍ ବିନିମୟ କରିବାକୁ ମନା କରେ, ତେବେ ବ୍ୟାଙ୍କରେ ଅଭିଯୋଗ କରନ୍ତୁ।
- ଯଦି ଅଭିଯୋଗ ଏକ ମାସ ପର୍ଯ୍ୟନ୍ତ ସମାଧାନ ନ ହୁଏ, ତେବେ ଆପଣ ଆରବିଆଇ ଓମ୍ବୁଡସମ୍ୟାନଙ୍କ ନିକଟରେ ଅଭିଯୋଗ କରିପାରିବେ।



## ବାର୍ତ୍ତା 28 { ମୁଦ୍ରାଗୁଡ଼ିକ ବିଷୟରେ ବିଭ୍ରାନ୍ତିକର ସୂଚନା ଦୂର କରନ୍ତୁ }

- ବିଭିନ୍ନ ମୂଲ୍ୟବର୍ଗର ମୁଦ୍ରା ଏକ ସମୟରେ ପ୍ରଚଳନରେ ରହିଥାଏ ଯେହେତୁ ମୁଦ୍ରାଗୁଡ଼ିକର ଦୀର୍ଘ ଜୀବନ ଅଛି।
- ଆର୍ଥିକ କାରବାରରେ ମୁଦ୍ରା ଗ୍ରହଣ କରିବାକୁ ସମସ୍ତ ବ୍ୟାଙ୍କକୁ ନିର୍ଦ୍ଦେଶ ଦିଆଯାଇଛି ଏବଂ ସେମାନଙ୍କର ସମସ୍ତ ଶାଖା ମୁଦ୍ରା ବିନିମୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।



## ବାର୍ତ୍ତା 29 { ଡିଜିଟାଲ୍ ଟଙ୍କା }

- ଡିଜିଟାଲ୍ ଟଙ୍କା ହେଉଛି ଭୌତିକ ମୁଦ୍ରା ପରି ଏକ ବୈଧ ମୁଦ୍ରା।
- ଡିଜିଟାଲ୍ ରୁପି ୱାଲେଟ୍ ବ୍ୟବହାର କରି ଆପଣ ୱାଲେଟରେ ଭୌତିକ ମୁଦ୍ରା ବହନ କରିବାର ଆବଶ୍ୟକତା ନାହିଁ , ବରଂ ଆପଣ ଡିଜିଟାଲ୍ ରୁପି ୱାଲେଟ୍ ଥିବା ଯେ କୌଣସି ବ୍ୟକ୍ତି କିମ୍ବା ବ୍ୟବସାୟୀଙ୍କୁ ଦେୟ ଦେଇପାରିବେ।
- ଡିଜିଟାଲ୍ ରୁପି UPI ସହିତ ଅଂନ୍ତର୍ସଂଚାଳିତ ଅଟେ ଯାହାର ଅର୍ଥ ହେଉଛି ଯେ ଆପଣ ଯେକୌଣସି ବ୍ୟବସାୟୀଙ୍କୁ ସେମାନଙ୍କର UPI QR କୋଡ୍ ସ୍କାନ୍ କରି ପେମେଣ୍ଟ କରିପାରିବେ।
- ଆପଣ ଆପଣଙ୍କର ବ୍ୟାଙ୍କ ଆକାଉଣ୍ଟକୁ ସହଜରେ ଡିଜିଟାଲ୍ ଟଙ୍କା ଲୋଡ୍ ଏବଂ ପେମେଣ୍ଟ ମଧ କରିପାରିବେ।
- ଆଣ୍ଡ୍ରଏଡ୍ କିମ୍ବା ଆପ୍ ଷ୍ଟୋରରୁ ଯେକୌଣସି ଅଗ୍ରଣୀ ବ୍ୟାଙ୍କର ଡିଜିଟାଲ୍ ରୁପି ଆପ୍ ଡାଉନଲୋଡ୍ କରନ୍ତୁ ଏବଂ କାରବାର ଆରମ୍ଭ କରିବାକୁ ପଞ୍ଜିକରଣ କରନ୍ତୁ।









## ବାର୍ତ୍ତା 30 { UDGAM ପୋର୍ଟାଲ୍ }

ବ୍ୟାଙ୍କରେ 10 ବର୍ଷ ପର୍ଯ୍ୟନ୍ତ ଦାବୀ ରହିତ ଜମାଗୁଡ଼ିକ ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ପରିଚାଳିତ "ଜମାକାରୀ ଶିକ୍ଷା ଏବଂ ସଚେତନତା" (DEA) ପାଣ୍ଠିକୁ ସ୍ଥାନାନ୍ତରିତ ହୋଇଥାଏ। ନୂତନ ଜମାଗୁଡ଼ିକ ଦାବୀ ରହିତ ନହେବାକୁ ଏବଂ ବର୍ତ୍ତମାନର ଦାବୀରହିତ ଜମା ରାଶିକୁ ନ୍ୟାୟସଂଗତ ହିତାଧିକାରୀଙ୍କୁ ଧାର୍ଯ୍ୟ ପ୍ରକ୍ରିୟା ଅନୁସରଣ କରି ଫେରସ୍ତ କରିବାକୁ ଆରବିଆଇ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛି। ବ୍ୟାଙ୍କଗୁଡିକ ନିଜ ନିଜ ୱେବସାଇଟରେ ଦାବୀରହିତ ଜମା ତାଲିକା ପ୍ରଦର୍ଶନ କରିବାକୁ ବାଧ୍ୟ। ଏହିପରି ତଥ୍ୟକୁ  ଜମାକାରୀ / ହିତାଧିକାରୀଙ୍କ ଅବଗତି କୁ ଉନ୍ନତ ତଥା ବ୍ୟାପକ କରିବା ପାଇଁ, ଆରବିଆଇ ଏକ କେନ୍ଦ୍ରୀଭୂତ ୱେବ୍ ପୋର୍ଟାଲ୍ ପ୍ରସ୍ତୁତ କରିଛି ଯାହା ଉପଭୋକ୍ତା ଇନପୁଟ୍ ଉପରେ ଆଧାର କରି ଏକାଧିକ ବ୍ୟାଙ୍କରେ ସେମାନଙ୍କର ଦାବୀରହିତ ଜମା ଖୋଜିବାକୁ ସକ୍ଷମ କରିବ।

ସର୍ଚ୍ଚ ପୋର୍ଟାଲର ନାମ **उद्गम**  UDGAM (short for **U**nclaimed **D**eposits – **G**ateway to **A**ccess infor**M**ation)) (www.udgam.rbi.org.in) ଏବଂ ମାନ୍ୟବର RBI ଗଭର୍ଣ୍ଣରଙ୍କ ଦ୍ୱାରା ଅଗଷ୍ଟ 17, 2023 ରେ ଆରମ୍ଭ କରାଯାଇଥିଲା। ଅଦ୍ୟାବଧି 30 ଟି ବ୍ୟାଙ୍କ ପାଇଁ ସର୍ଚ୍ଚ ସୁବିଧା ପୋର୍ଟାଲରେ ଉପଲବ୍ଧ।

ଉପଭୋକ୍ତାମାନେ ନିଜକୁ ପଞ୍ଜୀକୃତ କରି ପୋର୍ଟାଲକୁ ପ୍ରବେଶ କରିପାରିବେ ଏବଂ ଉପଭୋକ୍ତା ଇନପୁଟ୍ ପ୍ରଦାନ କରି ଦାବୀରହିତ ଜମା ଖୋଜି ପାରିବେ। ଏକ ସଫଳ ସନ୍ଧାନ ପରେ, ଉପଭୋକ୍ତାମାନେ ଦାବୀରହିତ  ଜମା ରେଫରେନ୍ସ ନମ୍ବର (UDRN) ଧାରଣ କରିଥିବା ଫଳାଫଳକୁ ଡାଉନଲୋଡ୍ / ମୁଦ୍ରଣ କରିପାରିବେ ଏବଂ ତାହାର  ଦାବି କିମ୍ବା  ତାହାକୁ ପୁନଃସକ୍ରିୟ କରିବାକୁ ସମ୍ପୃକ୍ତ ବ୍ୟାଙ୍କର ଶାଖା ପରିଦର୍ଶନ କରିପାରିବେ। ଆକାଉଣ୍ଟକୁ କିପରି ଦାବି କିମ୍ବା ପୁନଃସକ୍ରିୟ କରାଯିବ ସେ ସମ୍ବନ୍ଧରେ ସୂଚନା ମଧ୍ୟ ସର୍ଚ୍ଚ ଫଳାଫଳ ପ୍ରଦର୍ଶନ ପୃଷ୍ଠାରେ ସେହି ନିର୍ଦ୍ଦିଷ୍ଟ ବ୍ୟାଙ୍କ ପାର୍ଶ୍ୱରେ ହାଇପରଲିଙ୍କ ଆକାରରେ ପ୍ରଦାନ କରାଯାଇଛି।

# ଟିପ୍ପଣୀ

**ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଏବଂ ବିକାଶ ବିଭାଗ**


ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ
ଦଶମ ମହଲା, କେନ୍ଦ୍ରୀୟ କାର୍ଯ୍ୟାଳୟ,
ମୁମ୍ବାଇ 400001, ଭାରତ